ବର୍ଷ-୯
ସଂଖ୍ୟା-୧୮୧
ତା-୨୨ ଅଗଷ୍ଟ ୨୦୨୨
ସୋମବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949



PRAJABARTA
# ପ୍ରଜାବାର୍ତ୍ତା
ଦୈନିକ ଓଡିଆ ଖବର କାଗଜ // Odia Daily News Paper



Vol-9
Issue-181
Date:22, August 2022
Monday, Page-8, Rs-2/-
POSTAL Regd.No.10120(K)/17/2018-21




## ପୁଣି ଅସୁସ୍ଥ ପଦ୍ମଶ୍ରୀ କମଳା ପୂଜାରୀ

ଭୁବନେଶ୍ୱର, ୨୧/୦୮:ପୁଣି ଅସୁସ୍ଥ ପଦ୍ମଶ୍ରୀ କମଳା ପୂଜାରୀ । ଗତ ମାସକ ତଳେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ । ଆଜି ପୁଣି ସନ୍ଧ୍ୟାରେ ଅସୁସ୍ଥ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏବେ ଜ୍ୱର ସହ ଝାଡାବାନ୍ତି ରୋଗରେ ସେ ପୀଡ଼ିତ ଅଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର କେବିନ୍‌ରେ ତାଙ୍କୁ ଚିକିତ୍ସା କରୁଛନ୍ତି ଡାକ୍ତର ।



ବଢ଼ିଲା ସିସୋଦିଆଙ୍କ ଅଡୁଆ


Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...


## ଫ୍ୟାନ୍‌ରେ ଝୁଲିପଡିଲେ ସଫ୍ଟୱେୟାର ଇଞ୍ଜିନିୟର

### ପ୍ରେମ ପାଇଁ ଜୀବନ ହାରିଥିବା ନେଇ ସନ୍ଦେହ



ଭୁବନେଶ୍ୱର ୨୧/୦୮ :ରାଜଧାନୀ ଭୁବନେଶ୍ୱରରେ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଶୈଳଶ୍ରୀ ବିହାରର ଏକ ଆପାର୍ଟମେଣ୍ଟରେ ସେ ଶୁକ୍ରବାର ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ଗତକାଲି ଘଟଣାଟି ସାମ୍ନାକୁ ଆସିଛି । ମୃତ ଯୁବତୀଙ୍କ ନାଁ ଶ୍ୱେତା ଉତ୍କଳ କୁମାରୀ । ତାଙ୍କ ଘର ଭଦ୍ରକରେ । ସେ ଭୁବନେଶ୍ୱରରେ ଏକ ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରୁଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ଶ୍ୱେତା ରୁମ୍ ଭିତରେ ଆତ୍ମହତ୍ୟା କରିଥିବା କୁହାଯାଉଛି । ଗତକାଲି ଘର ଲୋକେ ତାଙ୍କୁ ଫୋନ୍ କରିଥିଲେ । କିନ୍ତୁ ତାଙ୍କ ମୋବାଇଲ ସୁଇଚ ଅଫ୍ ଥିଲା । ଶ୍ୱେତାଙ୍କ ସହିତ ଯୋଗାଯୋଗ କରିବାରେ ବିଫଳ ହେବା ପରେ ପରିବାର ଲୋକେ ଚନ୍ଦ୍ରଶେଖରପୁର ଥାନା ପୁଲିସ୍‌କୁ ଖବର ଦେଇଥିଲେ । ଏହା ପରେ ପୁଲିସ ଶ୍ୱେତା ରହୁଥିବା ଆପାର୍ଟମେଣ୍ଟକୁ ଯାଇଥିଲା । ଶ୍ୱେତାଙ୍କ ଘର ଭିତର ପଟୁ ବନ୍ଦ ଥିଲା । ପୁଲିସ୍ କବାଟ ବାଡେ଼ଇବାରୁ ଭିତରୁ କିଛି ପ୍ରତିକ୍ରିୟା ଆସି ନଥିଲା । ଏହା ପରେ ପୁଲିସ୍ କବାଟ ଭାଙ୍ଗି ଭିତରକୁ ପଶିଥିଲା । ଶ୍ୱେତା ବେକରେ ଓଢ଼ଣୀ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିବା ପୁଲିସ୍ ଦେଖିବାକୁ ପାଇଥିଲା । ପୁଲିସ୍ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏହା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ଶ୍ୱେତାଙ୍କ ପରିବାର ଲୋକେ ଏହି ଘଟଣା ନେଇ ପୁଲିସ୍‌ରେ ଲିଖିତ ଅଭିଯୋଗ କରିଥିବା ବେଳେ ତଦନ୍ତ ଜାରି ରହିଛି । ପୁଲିସ୍ ଶ୍ୱେତାଙ୍କ ମୋବାଇଲ୍ ଫୋନ୍ ଓ ଡାଏରୀ ଜବତ କରିଛି । ଶ୍ୱେତା ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ସହିତ ଆଉ କିଛି ଘଟିଛି ଯଦି ସେ ଆତ୍ମହତ୍ୟା କରିଛନ୍ତି, ତା'ହେଲେ କାହିଁକି ଏସବୁ ଦିଗକୁ ନେଇ ପୁଲିସ୍ ତା'ର ତଦନ୍ତ ଚଲାଇଛି ।

# ସୁବର୍ଣ୍ଣରେଖାରେ ଆସୁଛି ବଡ଼ ବନ୍ୟା

ଭୁବନେଶ୍ୱର, ୨୧ ଅଗଷ୍ଟ – ରାଜ୍ୟର ବନ୍ୟାସ୍ଥିତି ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ପ୍ରଦୀପ ଜେନା କହିଲେ ଯେ, ଲଘୁଚାପ ପ୍ରଭାବରେ ଉତର ଓଡିଶାରେ ପ୍ରବଳ ବର୍ଷା ହୋଇଛି । ଝାଡଖଣ୍ଡର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଗାଲୁଡିହ ବ୍ୟାରେଜରୁ ୬ ଲକ୍ଷ କ୍ୟୁସେକ୍ ପାଣି ଆସୁଛି । ଏହା ଫଳରେ ସୁବର୍ଣ୍ଣରେଖା ଅବବାହିକାରେ ବନ୍ୟା ଆସିଛି । ସେହିପରି ଶିମିଳିପାଳରେ ପ୍ରବଳ ବର୍ଷା ଯୋଗୁ ବୁଢାବଳଙ୍ଗ ନଦୀରେ ବନ୍ୟା ଆସିଛି । ବୈତରଣୀ ନଦୀରେ ଆଖୁଆପଦାଠାରେ ଜଳପତନ ୧୮.୯୯ ମିଟର ରହିଥିବାବେଳେ ଏହା କ୍ରମଶଃ ବୃଦ୍ଧି ପାଉଛି । ସୁବର୍ଣ୍ଣରେଖା ଜାମଶୋଳାଘାଟଠାରେ ୫୩.୩୪ ମିଟର ଉଚ୍ଚରେ ରହିଛି । ଏହା କ୍ରମଶଃ ବୃଦ୍ଧି ପାଉଛି । ଆଜି ଅପରାହ୍ନ ସୁଦ୍ଧା ହୀରାକୁଦର ଜଳପତନ ୬୨୧.୨୬ ଫୁଟ୍ ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୬୮ ହଜାର ୪୫୧ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ ଲକ୍ଷ ୨ ହଜାର ୧୭୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଖଇରମାଳଠାରେ ୩ ଲକ୍ଷ ୬୫ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ବଡମୂଳଠାରେ ୫ ଲକ୍ଷ ୭୬ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ମୁଣ୍ଡଳିଠାରେ ୮ ଲକ୍ଷ ୬ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ମୁଣ୍ଡଳି ସମେତ ମହାନଦୀର ଜଳସ୍ତର ସବୁ ସ୍ଥାନରେ କ୍ରମଶଃ ହ୍ରାସ ପାଉଛି । ମିଳିଥିବା ସୂଚନା ଅନୁଯାୟୀ ଏବେ ସୁଦ୍ଧା ୧୩ ଟି ଜିଲ୍ଲାର ୭୩ ଟି ବ୍ଲକ ୬୦୯ ଟି ଗ୍ରାମ ପଂଚାୟତ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଥିରେ ୨୨୩୮ ଟି ଗ୍ରାମ ପ୍ରଭାବିତ ହୋଇଛି । ରାଜ୍ୟର ୭୬୮ ଟି ଗ୍ରାମ ଜଳ ଘେରରେ ରହିଥିବାବେଳେ ୫ ଲକ୍ଷ ୪୫ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ପ୍ରାୟ ୭ ଲକ୍ଷ ୬୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଏହି ସବୁ ଅଂଚଳରେ ୩୨୪ ଟି ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୨୪ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ବନ୍ୟା ପ୍ରଭାବରେ ୫ ଲକ୍ଷ ୬୧ ହଜାର ୪୧୮ ବିଦ୍ୟୁତ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥି ମଧ୍ୟରୁ ୫ ଲକ୍ଷ ୨୧ ହଜାର ୫୬୦ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇସାରିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୮୫ ଟି ମେଡିକାଲ ରିଲିଫ୍ କେନ୍ଦ୍ର



ଖୋଲାଯାଇଥିବା ବେଳେ, ୧୧୫ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛି । ୪୨ହଜାର ୨୭୪ ଟି ଓଆରଏସ୍ ପ୍ୟାକେଟ୍, ୧ ଲକ୍ଷ ୭୭ ହଜାର ୨୫୩ ଟି ହାଲୋଜିନ୍ ବଟିକା ବଂଟାଯାଇଛି । ଏହି ସମୟରେ ୭୩୦୦ ସାଧାରଣ ରୋଗର ଚିକିତ୍ସା ହୋଇଥିବାବେଳେ, ୧୨ ଟି ସାପ କାମୁଡା ଘଟଣାର ଚିକିତ୍ସା କରାଯାଇଛି । ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଂଚଳରେ ୧୯୩ ଟି ଭେଟେନାରୀ ଟିମ୍ ନିୟୋଜିତ ହୋଇଛି । ୪୦୭ଟି କ୍ୟାମ୍ପ ଆୟୋଜିତ ହୋଇଥିବା ବେଳେ ଏଥିରେ ୧୮ ହଜାରରରୁ ଉର୍ଦ୍ଧ୍ୱର ପଶୁଙ୍କୁ ଚିକିତ୍ସା କରାଯାଇଅଛି । ୧୦ ଟି ଜିଲ୍ଲାକୁ ୮୬୪.୦୬ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଅଛି । ବନ୍ୟାଂଚଳରେ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨ ଲକ୍ଷ ୯୩ ହଜାର ୨୦୦ ପାଣି ବୋତଲ ଓ ୧୨ ଲକ୍ଷ ୨୯ ହଜାର ପାଣି ପାଉଚ୍ ବଂଟାଯାଇଛି । ଏହା ସହ ୨୦୩ ଟି ଭ୍ରାମ୍ୟମାଣ ପାଣି ଟ୍ୟାଙ୍କର ଯୋଗାଇ ଦିଆଯାଇଛି । ବନ୍ୟାଂଚଳରେ ୧୪ ଟି ଜିଲ୍ଲାରେ ୧୬ ଟି ଏନଡିଆରଏଫ୍, ୧୭ ଟି ଓଡ୍ରାଫ୍, ୫୫ ଟି ଅତିରିକ୍ତ ଫାୟର ସର୍ଭିସ୍ ଟିମ୍ ମୁତୟନ କରାଯାଇଛି ।

## ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏସଆରସି କ୍ଷମତା

### ହେଲିକପ୍ଟରର ବ୍ୟବହାର ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର, ୨୧ ଅଗଷ୍ଟ – ସୁବର୍ଣ୍ଣରେଖାରେ ବଡ଼ ଧରଣର ବନ୍ୟା ଆଶଙ୍କା ଉପୁଜିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି । ବନ୍ୟା ପରିଚାଳନା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରେୟ ଭାଓସାହେବ ସିନ୍ଦେଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିସନର କ୍ଷମତା ପ୍ରଦାନ କରାଯାଇଥିବା ଜଣା ପଡିଛି । ସୁବର୍ଣ୍ଣରେଖାରେ ବଡ଼ ଧରଣର ବନ୍ୟାର ପରିଚାଳନା ଲାଗି ଏହି ବଡ଼ ପଦକ୍ଷେପ ନିଆଯାଇଛି । ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟରର ବ୍ୟବହାର ଲାଗି ବି ନିର୍ଦ୍ଦେଶ ରହିଛି । ଏହା ଦ୍ୱାରା ସୁବର୍ଣ୍ଣରେଖାରେ ବଡଧରଣର ବନ୍ୟା ଆସିଥିବାରୁ ବନ୍ୟାଂଚଳରେ ରିଲିଫ୍, ଉଦ୍ଧାର ଏବଂ ସହାୟତା କାର୍ଯ୍ୟ ପାଇଁ ଜିଲ୍ଲାପାଳ ତତକ୍ଷଣାତ୍ ନିଜେ ନିଷ୍ପତି ନେଇପାରିବେ । ଏମିତିକି ଜରୁରୀ ସମୟରେ ହେଲିକପ୍ଟର ବି ନିୟୋଜିତ କରିପାରିବେ ।

## ରାଜଘାଟ ନିକଟରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଟପିଲା

ଭୁବନେଶ୍ୱର, ୨୧ ଅଗଷ୍ଟ – ସୁବର୍ଣରେଖା ନଦୀ ବିଭିନ୍ନ ସ୍ଥାନରେ ବିପଦ ସଂକେତ ଟପିଛି । ସନ୍ଧ୍ୟା ୬ଟାରେ ରାଜଘାଟ ନିକଟରେ ସୁବର୍ଣ୍ଣରେଖା ବିପଦ ସଙ୍କେତ ଟପିଥିବା ଜଣା ପଡ଼ିଛି । ରାଜଘାଟ ଠାରେ ସୁବର୍ଣ୍ଣରେଖାର ବିପଦ ସଙ୍କେତ ୧୦.୩୬ ମି ଥିବା ବେଳେ ସଂଧ୍ୟା ୬ଟାରେ ଏହା ୧୧.୦୧ ମି ପ୍ରବାହିତ ହେଉଛି । ସେହିପରି ଜାମଶୋଳା ଘାଟରେ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ଜଣା ପଡିଛି । ଏଠାରେ ସୁବର୍ଣ୍ଣରେଖାର ବିପଦ ସଙ୍କେତ ୪୯.୧୬ ମି ଥିବା ବେଳେ ସଂଧ୍ୟା ୬ଟାରେ ଏହା ୫୩.୫୪ ମି ପ୍ରବାହିତ ହୋଇଛି । ସେହିପରି ସଂଧ୍ୟା ୬ଟାରେ ମଥାନିଠାରେ ଜଳକା ମଧ୍ୟ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଏଠାରେ ଜଳକାର ବିପଦ ସଙ୍କେତ ୫.୫୦ ମି ଥିବା ବେଳେ ୬ଟାକେ ୬.୭୦ ମିରେ ପ୍ରବାହିତ ହେଉଥିବା ନେଇ ସୂଚନା ଦିଆଯାଇଛି । ବୁଢ଼ାବଳଙ୍ଗ ଏନଏଚ ୫ ନିକଟରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି । ଏଠାରେ ସତର୍କ ସଙ୍କେତ ୭.୨୧ ମି ଥିବା ବେଳେ ସଂଧ୍ୟା ୬ଟାରେ ଏହା ୭.୩୬ ମି ପ୍ରବାହିତ ହେଉଥିବା ନେଇ ସୂଚନା ଦେଇଛି ।

# ଓଡ଼ିଶା ଉପରେ 'ଆପ୍' ଆଖି

### ଓଡ଼ିଶାରେ ବିଜେପି-ବିଜେଡିର ବିକଳ୍ପ ହେବ କି ଆପ୍ , ୨୦୨୪ରେ ସରକାର ଗଢିବାକୁ କରୁଛି ଯୋଜନା

ଭୁବନେଶ୍ୱର, ୨୧/୦୮: ଆମ୍ ଆଦମୀ ପାର୍ଟି ଫୋକସ୍‌ରେ ଓଡ଼ିଶା । ବିଜେଡିର ବିକଳ୍ପ ସାଜିବାକୁ ଆପ୍‌ର ପ୍ରୟାସ । ଭୁବନେଶ୍ୱରରେ ଆଜି ଅନୁଷ୍ଠିତ କର୍ମକର୍ତ୍ତା ସମ୍ମିଳନୀରେ ପ୍ରଭାରୀ ବିରେନ୍ଦର୍ ସିଂ କାଡିଆନ୍ ଯୋଗଦେଇ ୨୦୨୪ ପାଇଁ ପ୍ରସ୍ତୁତି ଲାଗି ମନ୍ତ୍ର ଦେଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି ଓ ବେକାରୀ ସମସ୍ୟାକୁ ଦଳ ନିର୍ବାଚନୀ ପ୍ରସଙ୍ଗ କରିବ । ପ୍ରାଥମିକ ସ୍ତରରେ ଦଳକୁ ଜିଲ୍ଲା ସ୍ତରରେ ସଂଗଠିତ କରାଯିବ । ଖାଲି ସେତିକି ନୁହେଁ ଅନ୍ୟଦଳର ପୁରୁଖା ନେତାଙ୍କୁ ବି ଆମଦାନୀ କରିବା ଲାଗି ଦଳ ପ୍ରସ୍ତୁତ କରିଛି ରଣନୀତି । ବିଜେଡି ୨୨ ବର୍ଷ ଧରି ସରକାରରେ ଥିଲେ ବି ରାଜ୍ୟ ଯେତିକି ଆଗେଇବା କଥା ସେତିକି ଆଗେଇନି । ଅମଲାତନ୍ତ୍ର ଶାସନକୁ ନେଇ ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ବିଜେପି ଓ କଂଗ୍ରେସ ଏଠି ବିଜେଡି ସହ ମିଶିକରି ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି କାଡିଆନ୍ । ରାଜ୍ୟରେ ସରକାର ବିରୋଧୀ ଜନ ଅସନ୍ତୋଷ ପ୍ରବଳ ମାତ୍ରାରେ ଅଛି । ଯାହାକୁ ପାଥେୟ କରି ଆମ୍ ଆଦମୀ ପାର୍ଟି ବିକଳ୍ପ ସାଜିବ ବୋଲି ଲକ୍ଷ୍ୟ ରଖିଛି । ଖାଲି ସେତିକି ନୁହେଁ, ଦଳ କହିଛି କିଛି ବିଧାୟକ ଏବେ ଆପ୍ ସହ ଯୋଗାଯୋଗରେ ଅଛନ୍ତି । ସମୟ ଆସିଲେ ସ୍ପଷ୍ଟ ହେବ । ୨୦୨୪ ପାଇଁ ପ୍ରମୁଖ ବିରୋଧୀ ଦଳ ବିଜେପି ମିଶନ ୧୨୦ ପ୍ଲସ୍‌ରେ କାଏମ୍ ରହିଛି । କଂଗ୍ରେସ୍ ୯ ରୁ ୯୦ ଷ୍ଟ୍ରାଟେଜି ନେଇ ଆଗକୁ ବଢୁଛି । ଆପ୍ କିନ୍ତୁ ସେଭଳି କିଛି ଟାର୍ଗେଟ ସମ୍ପର୍କରେ ଏଯାଏ ସ୍ପଷ୍ଟ କରିନି । କିନ୍ତୁ ନିକଟରେ ଶେଷ ହୋଇଥିବା ପୌର ନିର୍ବାଚନରେ ଦଳ ନିଜର ସ୍ଥିତି ଜାହିର୍ କରିଥିଲା । ବ୍ରହ୍ମପୁରରେ ଦଳ କଂଗ୍ରେସକୁ ଚତୁର୍ଥ ସ୍ଥାନକୁ ଠେଲି ତୃତୀୟ ସ୍ଥାନ ହାସଲ କରିଥିଲା । ତେବେ ସାଧାରଣ ନିର୍ବାଚନକୁ ଦୁଇ ବର୍ଷରୁ କମ୍ ସମୟ ଥିବାବେଳେ ସଂଗଠନକୁ ମଜବୁତ କରି ଭୋଟ୍ ହାତେଇବା ଦଳ ପାଇଁ ବଡ଼ ଚାଲେଞ୍ଜ ହେବ । ସେହିପରି ଦିଲ୍ଲୀରେ ଥିବା ଆପ୍ ସରକାରର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଦୁର୍ନୀତିରେ ଛନ୍ଦି ହୋଇ ଗିରଫ ହୋଇଛନ୍ତି । ଶିକ୍ଷାମନ୍ତ୍ରୀ ମନୀଷ ଶିଶୋଦିଆ ବି ଅବକାରୀ ଦୁର୍ନୀତିରେ ଛନ୍ଦି ହୋଇଛନ୍ତି । ଯାହାକି ଦଳର ଛବିକୁ ମଳିନ କରିପାରେ । ସେପଟେ ବିଜେପି କହିଛି ଦୁର୍ନୀତିରେ ଲିପ୍ତ ଥିବା ଆପ୍‌କୁ ଓଡିଶାବାସୀ ଗ୍ରହଣ କରିବେନି । ବିଜେଡି ଓ କଂଗ୍ରେସ କହିଛନ୍ତି ଆପ୍ ସେଭଳି କିଛି ପ୍ରଭାବ ପକାଇପାରିବନି । ପ୍ରଥମେ ଦିଲ୍ଲୀ ପରେ ପଞ୍ଜାବକୁ ନିଜ ଅକ୍ତିଆରକୁ ନେଇଛି ଆପ୍ । ଏବେ ଦଳର ନଜର ଗୁଜରାଟ ଏବଂ ଓଡିଶା ଉପରେ । ତେବେ ଦଳ ଓଡିଶାରେ କେତେ ସଫଳ ହେଉଛି ତାଉପରେ ନଜର ।

## ହୀରାକୁଦ ଜଳ ଭଣ୍ଡାରର ଜଳ ସ୍ତର ୬୨୧.୨୭ ଫୁଟ

ଭୁବନେଶ୍ୱର, ୨୧ ଅଗଷ୍ଟ – ହୀରାକୁଦ ଜଳ ଭଣ୍ଡାରରୁ ଆଜି ମଧ୍ୟ ଚାରୋଟି ଗେଟ ଦେଇ ଜଳ ନିଷ୍କାସନ ଜାରୀ ରହିଛି । ସେହିପରି ଜଳ ଭଣ୍ଡାରର ଜଳ ସ୍ତର ଅପରାହ୍ନ ୩ଟା ବେଳକୁ ୬୨୧.୨୭ ଫୁଟ ରହିଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି । ହୀରାକୁଦ ଜଳଭଣ୍ଡାରକୁ ୧,୬୮୪୫୧ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୧,୦୨,୧୭୧ କ୍ୟୁସେକ ଜଳ ନିଷ୍କାସନ ହେଉଛି । ଖଇରମାଳ ଠାରେ ୩,୬୫,୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳ ଠାରେ ୫,୭୬,୦୦୦ କ୍ୟୁସେକ ତଥା ମୁଣ୍ଡଳୀ ଠାରେ ୮,୦୬, ୦୧୪ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

## ISIଙ୍କ ଟାର୍ଗେଟ୍‌ରେ ଚଣ୍ଡିଗଡ଼, ଆଲର୍ଟ ଜାରି



ଚଣ୍ଡିଗଡ଼ ୨୧/୦୮: ପଞ୍ଜାବରେ ହୋଇପାରେ ଆତଙ୍କୀ ହମ୍‌ଲା । ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସ୍‌ଆଇ ଚଣ୍ଡିଗଡ ଓ ମୋହାଲିରେ ଆତଙ୍କୀ ହମ୍‌ଲା କରିବା ପାଇଁ ଷଡଯନ୍ତ୍ର ରଚୁଛି । ଏନେଇ ସୂଚନା ମିଳିବା ପରେ ପୂରା ପଞ୍ଜାବରେ ହାଇ ଆଲର୍ଟ ଜାରି କରାଯାଇଛି । କୁହାଯାଉଛି ଯେ, ଆତଙ୍କବାଦୀ ସଙ୍ଗଠନ ବସ୍ ଷ୍ଟାଣ୍ଡଗୁଡିକୁ ଟାର୍ଗେଟ୍ କରିପାରନ୍ତି । ଆତଙ୍କବାଦ ହମ୍‌ଲା ସୂଚନା ଜାରି କରାଯିବା ପରେ ସୁରକ୍ଷା ଏଜେନ୍ସିମାନେ ସତର୍କ ହୋଇଯାଇଛନ୍ତି । ପୂରା ସହରରେ କଡା ସୁରକ୍ଷା ବ୍ୟବସ୍ଥା ଜାରି କରାଯାଇଛି । ଚାରିଆଡେ ପେଟ୍ରୋଲିଂ କରାଯାଉଛି । ଗୁଇନ୍ଦା ଏଜେନ୍ସିଗୁଡିକ ରାଜ୍ୟ ପୁଲିସ, GRP, ଷ୍ଟେଟ ଇଣ୍ଟେଲିଜେନ୍ସ ଏଜେନ୍ସିକୁ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଏବଂ ଇନପୁଟ ଉପରେ କାମ କରିବାକୁ କହିଛି । ଏହି ହାଇଆଲର୍ଟର ଦିନକ ପୂର୍ବରୁ ଆତଙ୍କବାଦୀମାନେ ପଞ୍ଜାବର ୧୦ ବଛା ବଛା ରାଜନେତାଙ୍କୁ ହତ୍ୟା କରିବା ନେଇ ଯୋଜନା କରୁଥିବା ଖବର ସାମ୍ନାକୁ ଆସିଥିଲା । ଗୁଇନ୍ଦା ବିଭାଗ ପକ୍ଷରୁ ଯେଉଁ ଲୋକଙ୍କ ତାଲିକା ପଠାଯାଇଥିଲା ସେଥିରେ କଂଗ୍ରେସ ନେତାଙ୍କ ନାଁ ମଧ୍ୟ ସାମିଲ ଅଛି । ସ୍ୱାଧୀନତା ଦିବସ ପୂର୍ବରୁ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲା । ଏମାନଙ୍କୁ ପଚରାଉଚରା ପରେ ପୁଲିସ ହାତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଥିଲା । ଦିଲ୍ଲୀ, ମୋହାଲି ଓ ମୋଗାରେ ଏମାନଙ୍କ ଟାର୍ଗେଟ୍ କିଲିଂ ଯୋଜନା ଥିବା ପୁଲିସ ଜାଣିବାକୁ ପାଇଥିଲା । ପରେ ଏହି ମାମଲାରେ ପଞ୍ଜାବ ପୁଲିସ ଓ ମହାରାଷ୍ଟ୍ର ଏଟିଏସ୍ ମିଳିତ ଭାବେ ଅପରେସନ୍ ଆରମ୍ଭ କରି ଜଣେ ସନ୍ଦିଗ୍ଧକୁ ଗିରଫ କରିଥିଲେ । ଉକ୍ତ ଗିରଫ ସନ୍ଦିଗ୍ଧ ପଞ୍ଜାବ ପୁଲିସର ଜଣେ ସବ୍-ଇନ୍‌ସ୍ପେକ୍ଟର ଦିଲବାଗ୍ ସିଂହଙ୍କ କାରରେ ବୋମା ଲଗାଇ ବିସ୍ଫୋରଣ କରିବାକୁ ଯୋଜନା କରିଥିଲା ।

# ବୈତରଣୀରେ ୨ୟ ବନ୍ୟା, ୭ ପଂଚାୟତର ୩୨ ଗ୍ରାମ ଜଳବନ୍ଦୀ

ଭଦ୍ରକ, ୨୧ ଅଗଷ୍ଟ (ହି.ସ.) – ବୈତରଣୀ ନଦୀ ବିପଦ ସଙ୍କେତ ସ୍ତର ଠାରୁ ଏକ ମିଟର ଉପରେ ପ୍ରବାହିତ ହେଉଛି । ରବିବାର ଅପରାହ୍ନ ୫ଟା ସୁଦ୍ଧା ଆଖୁଆପଦାରେ ଜଳସ୍ତର ୧୮.୯୬ ମିଟର ରହିଛି । ଗତ ସପ୍ତାହରେ ହୋଇଥିବା ପ୍ରଥମ ବନ୍ୟାରେ ଆଖୁଆପଦା ଠାରେ ରେକର୍ଡ ହୋଇଥିବା ସର୍ବାଧିକ ଜଳସ୍ତର ୧୮.୭୫ ମିଟରକୁ ଅତିକ୍ରମ କରିଛି । ଅପରାହ୍ନ ୨ଟା ସୁଦ୍ଧା ଜଳସ୍ତର ସର୍ବାଧିକ ୧୮.୯୯ ମିଟରରେ ପହଂଚି ସ୍ଥିର ହୋଇଥିଲା । ଅପରାହ୍ନ ୪ଟାରେ ଜଳସ୍ତର ହ୍ରାସ ପାଇଥିଲା । ଘଂଟାପ୍ରତି ୩ ମି.ମି. ବେଗରେ ହ୍ରାସ ପାଇ ୫ଟାରେ ୧୮.୯୬ ମିଟରରେ ପ୍ରବାହିତ ହେଉଛି । ଗତ ୨୪ ଘଂଟା ମଧ୍ୟରେ ଚମ୍ପୁଆରେ ୩୭.୨ ମି.ମି., ଠାକୁରମୁଣ୍ଡାରେ ୫.୮ ମି.ମି., ସ୍ୱାମୀପାଟଣାରେ ୭.୮ ମି.ମି. ବର୍ଷା ରେକର୍ଡ଼ କରାଯାଇଥିବାବେଳେ କେଉଁଝର, ଆନନ୍ଦପୁର ଓ ଆଖୁଆପଦାରେ ବର୍ଷା ହୋଇନଥିବା ଜଣାଯାଇଛି । ବନ୍ୟା ଯୋଗୁଁ କଂଟିଘାଇରେ ୮ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବେଶ କରି ବହୁ ଗ୍ରାମକୁ ବୁଡାଇଦେଇଛି । ବନ୍ୟାଜଳରେ ଷୋଳମପୁର, ମାଳଦା, ନପଙ୍ଗ, କୁରିଗାଁ, ରହଣିଆ, ଝୁଟୁଣା, ବନ୍ଧାଳୋ-ମଢିଆଳି ପଂଚାୟତ ସମ୍ପୁର୍ଣ୍ଣ ଭାବେ ଜଳବନ୍ଦୀ ହୋଇଛି । ଏହି ସବୁ ପଂଚାୟତର ମଣିନାଥପୁର, ବିନ୍ଧାଣ, ବରାହନୂଆପଡ଼ା, ଷୋଳମପୁର, ବିରୋଳି, ମୁଢ଼ାପଦା, ଚତୁର୍ଭୁଜପୁର, ସାରଣା, ଜଳହରୀ, ରାମପୁର, ଜାନଗଡିଆ, ମହିଷାଗଡିଆ, ବଡମାଳଦା, ସାନମାଳଦା, ବଡନପଙ୍ଗ, ନପଙ୍ଗ, ଭାଟଣା, ଜୋରାଗଡିଆ, ବାଙ୍କମୂହାଁ, ଗିଲପଦୀ, ଦେଉଳପଦୀ, ରାଢୋ, ନୌରଙ୍ଗପୁର, ରହଣିଆ, କେଶପୁର, ଷଠଗାଁ, ବନ୍ଧାଳୋ, ମଢ଼ିଆଳି, ବଳିପୁର, ଖପୁରିଆପଦା, ଝୁଟୁଣା, ଦାଦେଶ୍ୱର ଆଦି ଗ୍ରାମର ୩୧ହଜାର ଲୋକ ଓ ୭,୫୦୦ ଗୃହପାଳିତ ପଶୁ ଜଳବନ୍ଦୀ ହୋଇଛନ୍ତି । ଏହି ସମସ୍ତ ଗ୍ରାମର ରାସ୍ତାଘାଟ ବନ୍ୟାଜଳରେ ବୁଡିରହି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହି ଅଂଚଳର ହଜାର ହଜାର ହେକ୍ଟର ଚାଷଜମି ମଧ୍ୟ ବନ୍ୟାଜଳରେ ଗତ ଆଠଦିନ ଧରି ବୁଡିରହି ରଆ ଧାନ ଓ ଧାନତଳିକୁ ନଷ୍ଟ କରିପକାଇଛି । ବନ୍ୟା ଜଳ ପ୍ଲାବିତ ହେବା ଯୋଗୁଁ ଭଣ୍ଡାରିପୋଖରୀ-ମଣିନାଥପୁର ପୁର୍ତରାସ୍ତାରେ ଯାତାୟତ ଠପ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ତହସିଲଦାର ସରୋଜକାନ୍ତ ନାୟକ ବନ୍ୟାପ୍ରବଣ ଅଂଚଳ ଗସ୍ତ କରିବା ସହ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିବା ଜଣାଯାଇଛି ।

### ଧାମରାରେ ବସ୍ଷ୍ଟାଣ୍ଡକୁ ନେଇ ବଢୁଛି ବିବାଦ

# ୨ଗୋଷ୍ଠୀ ମଧ୍ୟରେ ଛକାପଂଝା , ଧାମରା-ଜାମୁଝାଡି ରାସ୍ତା ଅବରୋଧ

ଭଦ୍ରକ : ଜିଲ୍ଲାର ଧାମରାରେ ନୂତନ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ବଢୁଛି ବିବାଦ। ଗୋଟିଏ ପକ୍ଷରେ ଚାନ୍ଦବାଲି ତହସିଲଦାର ବସଷ୍ଟାଣ୍ଡ ପାଇଁ ଜମି ଯୋଗାଇ ଦିଆ ହୋଇଛି ବୋଲି ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିବା ବେଳେ ଅନ୍ୟ ପକ୍ଷରେ ଏହି ବସଷ୍ଟାଣ୍ଡ ନିର୍ମାଣ ହେବାକୁ ଥିବା ଜମିରେ ଅବାଧରେ ଚାଲିଛି ଅବରୋଧ ।ଏହି ଅବରୋଧକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଛକାପଂଝା ଲାଗି ରହିଥିବା ବେଳେ ୨ଥାନାଧିକାରୀ ଏହି ଉତ୍ୟକ୍ତ ଲୋକଙ୍କୁ ବୁଝାଇବାରେ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି ।ପ୍ରାପ୍ତ ଖବରରୁ ଜଣାଯାଇଛି ଧାମରା ମୌଜାରେ ଖାତା ନଂ୬୦ ଏବଂ ପ୍ଲଟ ନଂ୩୩୪ ଏବଂ ୩୩୬ ରେ ବସଷ୍ଟାଣ୍ଡ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହି ସ୍ଥାନରେ ୬୨ଜଣ ଅବରୋଧକାରୀ ନିଜର ସ୍ଥିତି ଜାହିରୀ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ଅସ୍ଥାୟୀ ଦୋକାନୀ ଏବଂ ପରିବାର ବର୍ଗଙ୍କୁ ଏହି ସ୍ଥାନରୁ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ସମୟରେ ସମସ୍ତ ଅବରୋଧକାରୀଙ୍କୁ ଏହି ସ୍ଥାନରୁ ହଟାଇବା ପାଇଁ ଅଂଚଳବାସୀ ଦାବୀ କରିଥିଲେ। ମାତ୍ର ପ୍ରଶାସନ ସେହି ସମୟରେ ସମସ୍ତ ଅବରୋଧକାରୀଙ୍କୁ ନହଟାଇ କଳିର ମଞ୍ଜି ରୋପଣ କରିଥିଲେ। ଏହି ସ୍ଥାନକୁ କିଛି ସ୍ଥାନୀୟ ଲୋକେ ଦଖଲଦାରଙ୍କ ପାଖରୁ ନିଜ ନାମରେ ବିକ୍ରି କବଲାରୁ କବଲା କରିବା ସହ ନିଜ ନାମରେ ନାମଜାରୀ କରି ନିଜର ଜମି ବୋଲି ଦାବୀ କରି ଆସୁଥିଲେ। ପ୍ରଶାସନ କିଛି ଅବରୋଧ କାରୀଙ୍କୁ ଏହି ସ୍ଥାନରୁ ହଟାଇବା ପରେ ଦଖଲଦାରୀଙ୍କ ପାଖରୁ କିଣିଥିବା ବ୍ୟକ୍ତି ବିଶେଷ ସେହି ସ୍ଥାନକୁ ପୁନଶ୍ଚ ଅବରୋଧ କରିବା ସହ ଘର ନିର୍ମାଣ କରିବାକୁ ମସୁଧା ଚଳାଇଥିଲେ। ଆଜି ସକାଳ ସମୟରେ ନୂତନ ଖାତାଧାରୀ ନିଜର ସ୍ଥିତାବସ୍ଥା ଦେଖାଇ ଏହି ସ୍ଥାନକୁ ନିଜ ଦଖଲକୁ ନେବାକୁ ଚେଷ୍ଟିତ ଥିବା ବେଳେ ପାଇକସାହିର ସ୍ଥାୟୀ ବାସିନ୍ଦା ଏହି ସ୍ଥାନରୁ ସମସ୍ତ ଅବରୋଧକାରୀଙ୍କୁ ହଟାଇବା ଜିଦରେ ଆସି ଧାମରା-ବାସୁଦେବପୁର ରାସ୍ତା ଅବରୋଧ କରି ବସିଥିଲେ। ଖବର ପାଇ ଧାମରା ସାମୁଦ୍ରିକ ଥାନାଧିକାରୀ ତୁସୀଲ ମାଝୀ ଆସି ସଂପୃକ୍ତ ଲୋକ ମାନଙ୍କୁ ବୁଝାଇ ସୁଝାଇ ଏହି ରାସ୍ତା ଅବରୋଧ ହଟାଇବାରେ ସଫଳ ହୋଇଥିଲେ ମଧ୍ୟ ପରେ ପୁନଶ୍ଚ ଏହି ଲୋକେ ଧାମରା-ଜାଗୁଳା ରାସ୍ତାକୁ ଅବରୋଧ କରିଥିଲେ। ପରେ ଧାମରା ଥାନାଧିକାରୀ ଆସି ସମସ୍ତ ଲୋକଙ୍କୁ ବୁଝାଇ ସୁଝାଇ ଏହି ଅବରୋଧକାରୀଙ୍କୁ ହଟାଯିବ ବୋଲି କହିଥିଲେ ମଧ୍ୟ ଉତ୍ୟକ୍ତ ଲୋକେ ପୁଲିସ ପ୍ରଶାସନ ଉପରେ ସେମାନଙ୍କ ଭରଷା ନାହିଁ ବୋଲି କହିବା ସହ ରାସ୍ତା ଅବରୋଧରୁ ହଟି ନଥିଲେ। ଅବରୋଧକାରୀଙ୍କ ମଧ୍ୟରୁ ବିଜୟ ଜେନା, ଅଜୟ ଜେନା,ପୂର୍ଣଚନ୍ଦ୍ର ବେହେରା ଏବଂ ରମେଶ ବେହେରା ଏ ନେଇ ଭଦ୍ରକ ଏସଡିଜେଏମ ସିନୟର କୋର୍ଟରେ ଆଇ ଏ ୨୭୬/୨୨/୧୫ ଜୁଲାଇ ୨୦୨୨ରେଏକ କେସ ଫାଇଲ କରି ଇଞ୍ଜେକସନ ସୁଟ କରିବା ସହ ଅପର ପକ୍ଷରେ ପୂର୍ଣେନ୍ଦୁ ଜେନା,ପଦ୍ମନାଭ ବେହେରା ଏବଂ ଚାନ୍ଦବାଲି ତହସିଲଦାରଙ୍କୁ ପକ୍ଷଭୁକ୍ତ କରିଛନ୍ତି। କେଉଁ ପରିସ୍ଥିତିରେ ଏହି ସ୍ଥାନକୁ ନେଇ କୋର୍ଟ ସ୍ଥିତାବସ୍ଥା ଜାହିରୀ କରିଥିବା ସହ ପୁଲିସ ପ୍ରଶାସନ ଏହାକୁ ନେଇ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପୁଲିସ ସହାୟତାରେ ସଂପୃକ୍ତ ନୂତନ ଖାତାଧାରୀ ସେହି ସ୍ଥାନକୁ ନିଜ ଦଖଲକୁ ନେଲେ ତାହା ପ୍ରଶ୍ନବାଚୀ ହୋଇ ପଡିଛି। ଶେଷରେ ୨ ଥାନାଧିକାରୀ ସଂପୃକ୍ତ ଲୋକ ମାନଙ୍କୁ ବୁଝାଇ ସୁଝାଇ ରାସ୍ତା ଅବରୋଧରୁ ହଟାଇବା ସହ ସନ୍ଧ୍ୟା ସମୟରେ ଏ ନେଇ ଥାନାରେ ଆଲୋଚନା କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ।

**୨ ଥାନାଧିକାରୀ ଉତ୍ୟକ୍ତ ଲୋକଙ୍କୁ ବୁଝାଇବାରେ ନିଜର ଅକ୍ଷମତା ପ୍ରକାଶ କଲେ**

# ୩୭ କେଜି ୭୦୦ଗ୍ରାମ ଗଞ୍ଜେଇ ଜବତ , ଜଣେ ଗିରଫ




ମାଲକାନଗିର : ଚିତ୍ରାକୋଣ୍ଡା ଥାନା ଏସଆଇ ବିଜୟ କୁମାର ମାଝୀଙ୍କ ନେତୃତ୍ୱରେ ପୋଲିସ ଟିମ ଗତ କାଲି ରାତି ପାଟ୍ରୋଲିଂ ଡ୍ୟୁଟି ବଡପଦର, ବନ ଙ୍ଗୁର କଲୋନୀ, ଏସଆର ଛକ ଏବଂ ରେଖାପାଲି ଅଞ୍ଚଳରେ ସନ୍ଦିଗ୍ଧ ଗାଡି ଯାଞ୍ଚ କରିଥିଲେ। ଏହି ସମୟରେ ସେମାନେ ଦେଖିଲେ ଗୋଟିଏ କଳା ରଙ୍ଗର ପଲସର ଗାଡି ନମ୍ବର -୨ ୨ ୦ ରେ ଜଣେ ଯୁବକ ଦୁଇଟି ପ୍ଲାଷ୍ଟିକ୍ ଜରି ବ୍ୟାଗ ଧରି ଆସୁଥିବା ଦେଖିବାକୁ ପାଇଥିଲେ। ପୋଲିସ୍ ପାର୍ଟି ତାକୁ କୁ ଅଟକାଇବାକୁ ଚେଷ୍ଟା କରିଥିଲା ।ପୋଲିସ୍ ପାର୍ଟିକୁ ଦେଖି ବାଇକ ଆରୋହୀ ସେଠାରେ ଗାଡି ଛାଡି ଜଙ୍ଗଲକୁ ଦୌଡ଼ି ଯାଇ ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲା। ପୋଲିସ୍ ପାର୍ଟି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଅଧିକ ଯାଞ୍ଚରୁ ଜଣାପଡିଥିଲା ଯେ ସେ ୩୭ କିଲୋଗ୍ରାମ ଏବଂ ୫ ୦୦ ଗ୍ରାମ ଗଞ୍ଜାଇ ଧରି ମଧ୍ୟପ୍ରଦେଶକୁ ବିକ୍ରୀ ପାଇଁ ନେଉଥିଲା। ଚିତ୍ରକୋଣ୍ଡା ଥାନା ମାମଲା ନଂ। ୯୯/୨୨ ପଞ୍ଜିକୃତ ହୋଇ ଅନୁସନ୍ଧାନ କରାଯାଇଛି । ଗିରଫ ଯୁବକ ଜଣଙ୍କ ହେଲେ ସୁଭମ୍ ଡାଙ୍ଗି ମଧ୍ୟପ୍ରଦେଶ ରାଜ୍ୟ ରେ ଘର। ଆଜି ଅପରାହ୍ନ ରେ ଅଭିଯୁକ୍ତ ଯୁବକ କୁ କୋର୍ଟ ଚାଲାଣ କରାଯାଇଥିବା ଚିତ୍ରକୋଣ୍ଡା ଥାନା ଅଧିକାରୀ ଅନିଲ କୁମାର ପରିଡା ସୂଚନା ଦେଇଛନ୍ତି।

# ଶିକ୍ଷାନୁଷ୍ଠାନରେ ସ୍ୱାଧିନତାର ୭୫ ତମ ଅମୃତ ମହୋତ୍ସବ ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି : ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ସ୍ୱାଧିନତାର ୭୫ତମ ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅମୃତ ମହୋତ୍ସବ ସମାରୋହ ସମିତିର ବ୍ଲକ ସଂଯୋଜକ ରଞ୍ଜନ କୁମାର ଦାସଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କରେ ବକ୍ତୃତା ,ସାଧାରଣ ଜ୍ଞାନ,ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ଛାତ୍ର ଛାତ୍ରୀଙ୍କ ମନରେ ରାଷ୍ଟ୍ରୀୟ ଚେତନା ଜାଗରଣ ନିମନ୍ତେ ପ୍ରୟାସ କରାଯାଇଥିଲା ।ସେହିପରି ଭାବେ ପୁରପଲ୍ଲୀରେ ଟୋଲି ଗଠନ କରାଯାଇ ବୁଦ୍ଧିଜୀବୀ ସମ୍ମିଳନ. ତ୍ରିରଙ୍ଗା



ଶୋଭାଯାତ୍ରା,ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମୂହ ଦୀପଦାନ ଓ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଇ ପ୍ରତି ପରିବାର ପକ୍ଷରୁ ପତାକା ଉତୋଳନ କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ବ୍ଲକ ର ବନ୍ଧାକାଟିଆ ଜୁବୁଲି ବିଦ୍ୟାପୀଠ, ନିଶ୍ଚିନ୍ତକୋଇଲି ଅହମ୍ମଦ ବକ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ,କେନ୍ଦୁପାଟଣା ଘେଓ୍ୱାରଚାନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ସାନ୍ତପୁର, ବିଲହାଟ ଓ ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ,ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲା ବେଳେ ଆଇନଜୀବୀ ଅଶୋକ କୁମାର ମହାପାତ୍ର କିଶୋର କୁମାର ତ୍ରିପାଠୀ,ଧୃବଚରଣ ପାଢୀ,ଦେବବ୍ରତ ବେହେରା,ବିକାଶ ସେଠୀ, ଜନ୍ମେଜୟ ସେଠୀ, କମଳାକ୍ଷ ପ୍ରସାଦ ଦାସ,ରଞ୍ଜନ କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଲଘୁଚାପ ଜନିତ ଲଗାଣ ବର୍ଷାରେ ଜଳାର୍ଣ୍ଣବ,ଗଛ ଉପୁଡି ରାସ୍ତା ଅବରୋଧ

ନିଶ୍ଚିନ୍ତକୋଇଲି : ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଲଘୁଚାପ ଜନିତ ଲଗାଣ ବର୍ଷାଯୋଗୁ ସାଧାରଣ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡିଛି। ସମଗ୍ର ଅଂଚଳ ଜଳାର୍ଣ୍ଣବହୋଇପଡିଛି। ରାଣୀପଡା - ଦିକ୍ଷିତପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଏକ ଗଛ ଉପୁଡି ପଡିବା ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଗମନା ଗମନ ବାଧାପ୍ରାପ୍ତ ହୋଇଥିଲା ଗତ ୮ରୁ ୧୦ ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମ ପଂଚାୟତରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗି ରହିଛି। ଏପରିକି ଶହ ଶହ ଏକର ଚାଷ ଜମି ଜଳାର୍ଣ୍ଣବ ହୋଇଛି। ଚାଷୀମାନେ ରୋପଣ କରିଥିବାଧାନଗଛ ଓ ଧାନତଳି ଗୁଡିକ ବହୁ ସ୍ଥାନରେ



ପଚିଯିବାକୁ ଆରମ୍ଭ କଲାଣି। ଆଜି ଅପରାହ୍ନରେ କେଂଟାଳୋ ଗ୍ରାମପଂଚାୟତର ରାଣୀପଡା- ଦିକ୍ଷିତପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାପାର୍ଶ୍ୱରେ ଥିବା ରାଣୀପଡା ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖରେ ଥିବା ଏକ ବିରାଟ ଚାକୁଣ୍ଡା ଗଛ ଲଗାଣ ବର୍ଷା ଓ ପବନରେ ଉପୁଡି ପଡିଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ରାସ୍ତାରେ ଗମନା ଗମନ ବାଧାପ୍ରାପ୍ତ ହୋଇଥିଲା। ତେବେ ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଗଛକାଟି ରାସ୍ତା ରୁ ହଟାଇଥିଲେ। ଫଳରେ ରାସ୍ତା ଅବରୋଧ ହଟିଥିଲା। ତେବେ ଏହି ଗଛଟି ବିଦ୍ୟୁତ ଖୁଂଟ ଉପରେ ପଡିବା କାରଣରୁ ବିଦୁତ ତାର ଛିଣ୍ଡି ଯାଇଛି। ଫଳରେ ସମଗ୍ର ଅଂଚଳର ଅନ୍ଧାର ଘେରରେ ରହିଛି ।ତେବେ ଆଜି ରବିବାର ବିଦ୍ୟାଳୟ ଛୁଟିଥିବା ଯୋଗୁ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଆସିନଥିଲେ। ଫଳରେ ନିଶ୍ଚିତ ଭାବେ ଏକ ବଡ ଧରଣର ଅଘଟଣକୁ ଏଡାଇ ଦିଆଯାଇପାରିଥିଲା।

# ସମ୍ଭାବ୍ୟ ବନ୍ୟା ପାଇଁ ୧୩ରୁ ୧୫ ଛୁଟି ବାତିଲ

କଟକ : ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ହେତୁ ରାଜ୍ୟରେ ବର୍ଷାର ପ୍ରଭାବ କ୍ରମାଗତ ଭାବେ ବଢିଚାଲିଛି। ବର୍ତ୍ତମାନ କଟକ ଜିଲ୍ଲାର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୩ ତାରିଖ ଠାରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ କଟକ ଜିଲ୍ଲାପାଳ ଡ. ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ତେବେ ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ ପ୍ରବାହିତ ନଦୀଗୁଡିକର ବନ୍ୟା ଜଳ ପ୍ରବାହ, ନଦୀ ବନ୍ଧର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲା ବେଳେ ମୁଖ୍ୟ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ସୂଚନା ଦିଆଯାଇଛି ।

# ରାଜନୈତିକ ଆକ୍ରୋଶରେ ରୂପାନ୍ତରୀକରଣ ଯୋଜନାରୁ ବିଦ୍ୟାଳୟ ବଂଚିତ

### ପ୍ରତିବାଦରେ ସମିତି ସଭ୍ୟାଙ୍କ ଆମରଣ ଅନଶନ ନିଷ୍ପତି

ନିଶ୍ଚିନ୍ତକୋଇଲି : ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ୫ଟି ରୂପାନ୍ତରିକରଣ ଯୋଜନାରୁ ରାଜନୈତିକ ଚକ୍ରାନ୍ତ ଯୋଗୁ ବଂଚିତ ହୋଇଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପବିତ୍ର ୭୫ ତମ ସ୍ୱାଧିନତା ଦିବସରେ କଟରପଡା ଗ୍ରାମପଂଚାୟତ ସମିତି ସଭ୍ୟା ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତି ନେଇଥିବା ଘଟଣାଟି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ ଅଧିନରେ କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ରହିଛି। ଏହି ବିଦ୍ୟାଳୟରେ ସ୍ଥାନୀୟ ଅଂଚଳର ପ୍ରାୟ ୪ଟି ଗ୍ରାମପଂଚାୟତର ଛାତ୍ର ଛାତ୍ରୀମାନେ ଅଧ୍ୟୟନ କରନ୍ତି। ସରକାର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଥିବା ଅଧିକାଂଶ ବିଦ୍ୟାଳୟକୁ ୫ଟି ରୂପାନ୍ତରିକରଣ ଯୋଜନାରେ ସାମିଲ କରିଛନ୍ତି। କିନ୍ତୁ ହୀନ ରାଜନୈତିକ ଚକ୍ରାନ୍ତ ଓ ଷଡଯନ୍ତ୍ର କାରଣରୁ କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠ ୫ଟି ରୂପାନ୍ତରିକରଣ ଯୋଜନାରୁ ବଂଚିତ ହୋଇଥିବା ଯୋଗୁ ଛାତ୍ର ଛାତ୍ରୀ ତଥା ଅଭିଭାବକ ମହଲରେ ତୀବ୍ର ଉତେଜନା ଓ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାର୍ଳୟକୁ ୫ଟି ରୂପାନ୍ତରିକରଣ ଯୋଜନାରେ ସାମିଲ କରାଯିବା ନିମନ୍ତେ ବାରମ୍ବାର ଦାବି ହୋଇଆସୁଥିଲାବେଳେ ପ୍ରଶାସନ ତରଫରୁ ଏହାକୁ କର୍ଣ୍ଣପାତ କରାଯାଇ ନଥିଲା। ଏହାର ପ୍ରତିବାଦରେ ପବିତ୍ର ୭୫ତମ ସ୍ୱାଧିନତା ଦିବସର ସକାଳ ୮ ଘଟିକା ଠାରୁ କଟରପଡା ଗ୍ରାମପଂଚାୟତ ସମିତି ସଭ୍ୟା ସ୍ୱାଗତିକା ନାୟକଙ୍କ ନେତୃତ୍ୱ ଛାତ୍ରାଭିଭାବକ ଓ ବୁଦ୍ଧିଜୀବୀମାନେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି କଟରପଡା ଗ୍ରାମପଂଚାୟତର ପୂର୍ବତନ ସରପଂଚ ସୁଶାନ୍ତ କୁମାର ନାୟକ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସମିତି ସଭ୍ୟା ଶ୍ରୀମତୀ ନାୟକ ଓ ସ୍ଥାନୀୟ ଛାତ୍ରାଭିଭାବକମାନେ ବିଦ୍ୟାଳୟ ସ ଗଣ ଶିକ୍ଷାମନ୍ତ୍ରୀ, ୫ଟି ସଚିବ ବିଦ୍ୟାଳୟ ଓ ଗଣ ଶିକ୍ଷାରେ ସଚିବ, ମାହାଙ୍ଗା ବିଧାୟକ, କଟକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ନିଶ୍ଚିନ୍ତକୋଇଲି ତହସିଲଦାର, ବ୍ଲକ ଶିକ୍ଷାଧିକାରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଥାନା ଆଇଆଇସିଙ୍କୁ ଲିଖିତ ଆକାରରେ ଜଣାଇଥିବାର ଜଣାଯାଇଛି। ଅପରପକ୍ଷରେ ଏହି ଆମରଣ ଅନଶନକୁ ଭଣ୍ଡୁର କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ତରଫରୁ ବିଦ୍ୟାଳୟରେ ଏକ ସଭା କରାଯାଇ ବିଦ୍ୟାଳୟକୁ୫ଟିରେ ସାମିଲ କରାଯାଇଥିବାର ମିଥ୍ୟା ତଥ୍ୟ ଘୋଷଣାକରାଯାଇ ଜନମାନସକୁ ବିଭ୍ରାନ୍ତ କରାଯିବା ନିମନ୍ତେ ହୀନଚକ୍ରାନ୍ତ କରାଯାଇଥିଲା। ରାଜ୍ୟର କେତେକ ଗଣ ମାଧ୍ୟମରେ ଏସମ୍ପର୍କରେ ମିଥ୍ୟା ସମ୍ବାଦ ପ୍ରକାଶ ପାଇଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

# ଲଘୁଚାପ ଜନିତଲଗାଣ ବର୍ଷା :ଧୋଇଗଲା ଅସ୍ଥାୟୀ ପୋଲ: ରାଇକିଆ- ଦାରିଙ୍ଗିବାଡି ଯାନବାହାନ ଚଳାଚଳ ବନ୍ଦ



ବାଲିଗୁଡା : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ରାଇକିଆ ବ୍ଲକ୍ ମୁରୁଡ଼ି କୁପୁଡ଼ା ଠାରେ ଦାରିଙ୍ଗିବାଡି - ରାଇକିଆ କୁ ସଂଯୋଗ କରୁଥିବା ଅସ୍ଥାୟୀ ପୋଲ ରବିବାର ଅପରାହ୍ନ ରେ ଧୋଇଯିବା ଫଳରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଗତ ୨୦୧୮ ତିତିଲି ବାତ୍ୟା ରେ ଏଠାରେ ଥିବା ସ୍ଥାୟୀ ପୋଲ ଟି ଧୋଇ ଯାଇଥିଲା। ସେବେଠାରୁ ଅସ୍ଥାୟୀ ଭାବେ ରାସ୍ତା ପାଖରେ ମାଟି ପକା ଯାଇ ଡ୍ରାଇଭରସନ୍ ନିର୍ମାଣ କରାଯାଇ ଯାନବାହାନ ଚଳାଚଳ କରୁଥିଲା । ଇତି ମଧ୍ୟରେ ଚାରିବର୍ଷ ବିତି ଯାଇଥିଲେ ମଧ୍ୟ ସ୍ଥାୟୀ ପୋଲଟି ନିର୍ମାଣ କରାଯାଇ ନଥିଲା । ଫଳ ସ୍ୱରୂପ ଗତ ଦୁଇ ଦିନର ଲଗାଣ ବର୍ଷା ଯୋଗୁଁ ଡ଼ାଇଭରସନ୍ ଧୋଇ ହୋଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଛି । ପ୍ରତ୍ୟେକ ବର୍ଷ ଏହିପରି ଡ଼ାଇଭରସନ୍ ଧୋଇ ହୋଇ ଯାଉ ଥିଲେ ମଧ୍ୟ କେବଳ ମାଟି ପକାଇ ଅସ୍ଥାୟୀ ଭାବେ ଯାନ ବାହନ ଚଳା ଚଳ ହେଉଛି । ଏଥି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସ୍ଥାୟୀ ପୋଲ ଟିକୁ ତୁରନ୍ତ ମରାମତି କରିବାକୁ ଅଞ୍ଚଳ ବାସୀଙ୍କ ତରଫରୁ ପ୍ରବଳ ଦାବୀ ହେଉଛି ।

# କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ

କନ୍ଧମାଳ :ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ସାରା ଦେଶରେ ଧୁମ୍ ଧାମରେ ପାଳନ



କରାଯାଉଛି। ଏହି ଅବସରରେ କନ୍ଧମାଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଧୁମ୍ ଧାମରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ନାହାର ସିଂ ମୀନା କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧିତ କରିଥିଲେ। ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ସାଧାରଣଙ୍କୁ ସଚେତନ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ଉକ୍ତ ଅଞ୍ଚଳରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନୀରଜ ସିଂ , ସତ୍ୟ ରଂଜନ ନାଗ , ପ୍ରଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ କିରଣ କୁମାର ଭୋଇ , ଡ଼ି.ଦେଶମୁଖ ତଥା ଅନ୍ୟ ସମସ୍ତ ଶିକ୍ଷକ ମାନେ ସହଯୋଗ କରିଥିବା ବେଳେ ଆୟୋଜିତ ହୋଇଥିବା ଶୋଭାଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ ମାନେ ସାମିଲ୍ ହୋଇଥିଲେ।

# ବିଇଡି କଲେଜରେ ଆଜାଦିର ଅମୃତ ମହୋତ୍ସବ



ବଲାଙ୍ଗିର : ଆଜି ସ୍ଥାନୀୟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଠାରେ ଦେଶ ସ୍ୱାଧିନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ସହ ଜାତୀୟ ପତାକା ଧରି ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। ଏହା ପୂର୍ବରୁ ମହାବିଦ୍ୟାଳୟରେ ଅଧକ୍ଷା ଗିତାଞ୍ଜଳି ପାଢିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ନାଗରିକ କମିଟିର ସାଧାରଣ ସଂପାଦକ ମନୋରଂଜନ ସାହୁ ଯୋଗ ଦେଇ ଏହି ଉତ୍ସବ ଅବସରରେ ବଲାଙ୍ଗିର ର ସ୍ଥାନୀୟ ସ୍ୱାଧିନତା ସଂଗ୍ରାମୀ ଧରମସିଂ ମାନ୍ଧାତା, ରେଣ୍ଡୋ ମାଝି, ଗୁରୁବାରି ମେହେର, ବୀର ସୁରେନ୍ଦ୍ର ସାଏ ମାନଙ୍କ ବିଷୟରେ ସୂଚନା ପ୍ରଦାନ କରି ବଲାଙ୍ଗିର ରେ ଜାଗୃଦି ଦିବସ ପାଳନ କରାଯାଉଛି ବୋଲି କହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ସଫଳତା ଉପରେ ମନ୍ତବ୍ୟ ଦେଇ ଅଧକ୍ଷା ଶ୍ରୀମତୀ ପାଢୀ ଦେଶ ଓ ସମାଜ ପାଇଁ ଛାତ୍ର ଛାତ୍ରୀମାନେ ଆଗାମୀ ଦିନରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅନ୍ୟାନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅନନ୍ତ କୁମାର ନାଏକ, ଶ୍ୟାମକୃଷ୍ଣ ସାଏ, ଭୋଗରାମ ମଲ୍ଲିକ, ମନୋରଂଜନ ମହାପାତ୍ର, କର୍ମଚାରୀ ବି.ଆର. ମଲ୍ଲିକ, ଏସ୍.କେ. ସାଏ ଓ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ତେଜରାଜ ସାହୁ, ଶିବ ପ୍ରସାଦ ବିଶ୍ୱାଳ ଓ ବିଶ୍ୱଜିତ ଜେନା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ତ୍ରୀରଙ୍ଗାମୟ ବାଲିଗୁଡା



ବାଲିଗୁଡା : ବାଲିଗୁଡାର ବିଭିନ୍ନ ବିଦ୍ୟାଳୟ ସମେତ ଅନେକ ଅନୁଷ୍ଠାନ ଓ ରାଜନୈତିକ ଦଳ ତରଫରୁ ସ୍ୱାଧୀନତାର ଅମୃତ ନମହୋତ୍ସବ ପାଳନ କରାଯାଇଛି । ସ୍ଥାନୀୟ ଶ୍ରିବିଦୟା ମନ୍ଦିର ତରଫରୁ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯାଇଛି, ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ସହିଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବେଶ ପଡିଥିଲେ ଓ ଏକ ପଦଯାତ୍ରା କରି ସାରା ସହର ପରିକ୍ରମା କରିଥିଲେ ଏଥିରେ ମୁଖ୍ୟ ଅତିଥି ବାବେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜିଆର ରାଘେବେନ୍ଦ୍ର ଯୋଗଦେଇ ପଦଯାତ୍ରାକୁ ଆରମ୍ଭ କରିଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ, ଗୁରଜୀଗୁରୁମା ସମେତ ସମ୍ପାଦକ ମାନ ଓ ରଂଜନ ଆଚାର୍ଯ୍ୟ, ସମେତ ସମସ୍ତ ଗୁରୁଜୀ,ଗୁରୁମା ମାନେ ଉପସ୍ଥିତ ଥିଲେ । ସେହିଭଳି ଆଦର୍ଶ ବିଦ୍ୟାଳୟ ତରଫରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପଦଯାତ୍ରା କରିଥିଲେ । କଂଗ୍ରେସ ଦଳ ତରଫରୁ ମଧ୍ୟ ପଦଯାତ୍ରା କରାଯାଇଛି। ହାତରେ ତ୍ରିରଙ୍ଗା ଧରି ଭାରତ ମାତାକୀ ଜୟ,ଜୟ ଯବାନ ଜୟ କିଶାନ ଆଦି ନାରାବାଜି ଦେଇଛନ୍ତି । କଂଗ୍ରେସ ଦଳର ପୁର୍ବତନ ସାଂସଦ ପାର୍ଥୀ ମନୋଜ କୁମାର ଆଚାର୍ଯ୍ୟ,ନଗର ସଭାପତି ସପ୍ନେଶ୍ୱର ସାହୁ,ଟୁଟୁ ଆଚାରୀ,ଅଜୁ ଦିଗାଲ ସମେତ ଅନେକ କର୍ମିମାନେ ଉପସ୍ଥିତ ଥିଲେ ।

# ରୋଇଡା ଖଣିରୁ ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ




କେନ୍ଦୁଝର, - ରୋଇଡା ଖଣିରୁ ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦାବିରେ ମାଇନିଂ ୱାର୍କର୍ସ ୟୁନିୟନ ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡିଶା ଖଣି ନିଗମର ୧୪ଗୋଟି ଲୁହାପଥର ଓ ମାଙ୍ଗାନିଜ ଖଣି ଯୋଡା ବ୍ଲକ ଅଞ୍ଚଳରେ ରହିଛି। ଏଥିରୁ ମାତ୍ର ୭ଗୋଟି ଖଣିରୁ ଉତ୍ତୋଳନ ହେଉଛି। ଖଣି ପରିଚାଳନା ପାଇଁ ସରକାର ବହୁ ପଦସ୍ଥ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି କ୍ରମରେ ଯୋଡା ବ୍ଲକର ରୋଇଡାସ୍ଥିତ ଖଣିକୁ ୧୯୯୬ ମସିହାରୁ ଚୁକ୍ତି ମାଧ୍ୟମରେ ଓଡିଶା ଶିଳ୍ପ ନିଗମକୁ ଦେଇଥିଲେ। ତେଣୁ ଯୋଡା ଅଞ୍ଚଳର ଶହ ଶହ ଶ୍ରମିକ ଏହି ଖଣିରେ ନିଯୁକ୍ତି ପାଇ ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଚଳିତବର୍ଷ ଏପ୍ରିଲ ୨୭ ତାରିଖ ଦିନ ଖଣିକୁ ପୁନର୍ବାର ଇଡକଲ୍ ରୁ ଓଏମ୍‌ସିକୁ ଫେରସ୍ତ ନେବା ନିଷ୍ପତ୍ତି ପରେ ଉଭୟ ଖଣି ନିଗମ ଓ ଶିଳ୍ପ ନିଗମ ଖଣିକୁ ନୂତନ ଠିକାଦାର ନିଯୁକ୍ତି ବନ୍ଦ କରି ଉତ୍ପାଦନ ବନ୍ଦ କରିଛନ୍ତି। ଫଳ ସ୍ୱରୂପ ଗତ ଜୁନ୍ ମାସ ୧ ତାରିଖରୁ ପ୍ରାୟ ୧୫୦ ଶ୍ରମିକ ଛଟେଇ ହୋଇଛନ୍ତି। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡିଶା ଶିଳ୍ପ ନିଗମକୁ ବିନା ଅନୁମତିରେ ଖଣି ବନ୍ଦ କରିବା,ବିନା ନୋଟିସରେ ଶ୍ରମିକଙ୍କୁ ଛଟେଇ କରିବାକୁ ନେଇ ତାଗିଦ କରିଥିଲେ ମଧ୍ୟ ନିଗମ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ଉକ୍ତ ଖଣିରେ ଗୁଜୁରାଣ ମେଣ୍ଟାଉଥିବା ୯୫ ଜଣ ଶ୍ରମିକ ବେରୋଜଗାର ହୋଇ ପଡିଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ୩୦/୩୫ ବର୍ଷ ତଳୁ କାମ କରୁଥିବା ଶ୍ରମିକମାନଙ୍କର ଆର୍ଥିକ ସ୍ଥିତିକୁ ଭୃକ୍ଷେପ ନକରି ସେମାନଙ୍କୁ ଛଟେଇ କରିଥିବା ମାଇନିଂ ୱାର୍କର୍ସ ନେତାମାନେ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଶ୍ରମିକମାନଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ଏବଂ ସେମାନଙ୍କ ସୁରକ୍ଷା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିବାବେଳେ ବର୍ଷ ବର୍ଷ ଧରି ଉକ୍ତ ଖଣିରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକ ଏବଂ ସେମାନଙ୍କ ପରିବାର ପ୍ରତି ଅନ୍ୟାୟ କରା ନଯାଉ ବୋଲି ସିଆଇଟିୟୁ ର କେନ୍ଦୁଝର ମାଇନିଂ ୱାର୍କର୍ସ ୟୁନିୟନ ର ସାଧାରଣ ସଂପାଦକ ଇନ୍ଦ୍ରମଣୀ ବେହେରା ଦାବି ରଖିଛନ୍ତି। ସରକାର ଉଦ୍ୟୋଗରେ ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ଖଣି ନିଗମର ନିୟମ ପରିବର୍ତ୍ତନ କରାଯିବା ସହିତ ରୋଇଡା ଖଣିରୁ ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଏବଂ ସେମାନଙ୍କ ବକେୟା ଦରମା ତୁରନ୍ତ ପୈଠ କରିବା ପାଇଁ ଶ୍ରୀ ବେହେରା ଦାବି କରିଛନ୍ତି।

# ହେଁସମୂଳ ଗ୍ରାମ ତଳସାହିର ଖଣି କ୍ଷତିଗ୍ରସ୍ତଙ୍କୁ କୋଇଲା ଖଣିରେ ନିଯୁକ୍ତି ଓ ଥଇଥାନ ଦାବୀ ନେଇ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ



ତାଳଚେର: ତାଳଚେର ବ୍ଲକ ହେଁସମୂଳ ଗ୍ରାମ ତଳସାହିର ଖଣି କ୍ଷତିଗ୍ରସ୍ତ ପ୍ରଜାଙ୍କୁ କୋଇଲା ଖଣିରେ ନିଯୁକ୍ତି ଓ ଥଇଥାନ ଦାବୀ ନେଇ ଗ୍ରାମ୍ୟ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ସରପଂଚ ସୁମିତ୍ରା ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଉଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗ୍ରାମର ବଳକା ନିଯୁକ୍ତି ଦାବୀ ନେଇ ଆଲୋଚନା କରିବା ସହିତ ଦାବୀପତ୍ର ପ୍ରଦାନ କରିଥିଲେ। ୨୦୦୬ ପଲିସି ଅନୁଯାୟୀ କୋଇଲା ଖଣିରେ ଜମି ହରାଇଥିବା ଗ୍ରାମର ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିଯୁକ୍ତି ଓ ଥଇଥାନ କରାଯିବାର ନିୟମ ଥିଲେ ମଧ ଖଣି କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ ତଳସାହିର ବଳକା ଥିବା ୬୨ ଜଣ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଦେଇ ନାହାନ୍ତି । ଏ ବିଷୟରେ ଖଣି କର୍ତ୍ତୃପକ୍ଷ ଏବଂ ପ୍ରଶାସନକୁ ଜଣାଇବା ପରେ ମଧ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ଯେଉଁ ବର୍ଷ ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯିବ ସେହି ବର୍ଷ ଜାନୁଆରୀ ୧ ତାରିଖ ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବା ପାଇଁ ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି । ଏହି ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ ଜଗନ୍ନାଥ ଓ ଲିଙ୍ଗରାଜ କୋଇଲା ଖଣିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ ବେଳେ ରୁନୁବାଳା ବିଶ୍ୱାଳ, ମମତା ସାହୁ, ସମାଜସେବୀ ସଂଜୟ ଜାଲ, କବିତା ବିଶ୍ୱାଳ, ଅବିନାଶ ବିଶ୍ୱାଳ, ଅମିତ ସାହୁ, ସୌମ୍ୟରଂଜନ ବେହେରାଙ୍କ ସମେତ ଗ୍ରାମର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ଡେଙ୍ଗାତୋଟା ଶ୍ମଶାନର ଆଧୁନିକରଣଓ ପୁନରୁଦ୍ଧାର ନେଇ ଭିତ୍ତିପ୍ରସ୍ତର ଦେଲେ ବିଧାୟକ



ଜୟପୁର: ଜୟପୁର ଲକ୍ଷ୍ମୀ ପଣ୍ଡା ଛକ ନିକଟରେ ଥିବା ଡେଙ୍ଗାତୋଟା ଶ୍ମଶାନର ଆଧୁନିକରଣ ଓ ପୁନରୁଦ୍ଧାର ପାଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରଛନ୍ତି । ୧ କୋଟି ଟଙ୍କା ବିନିୟମ ରେ ଜୟପୁର ପୌର ପାଳିକା ଦ୍ୱାରା ଶ୍ମଶାନର ଆଧୁନିକ କରଣ କରାଯିବ । ଶିବ ମୁଡ଼ି,ଶବ ପୋଡାଇବା ପାଇ ବିଦ୍ୟୁତ ଚାଳିତ ଚୁଲା, ଲାଇଟର ବ୍ୟବସ୍ଥା, ଗାଧେଇବା ପାଇ ବ୍ୟବସ୍ଥା, ଟୋୟଲେଟ ଡ୍ରେନ, ଗାର୍ଡେନ ଆଦ କରାଯାଇ ଆଧୁନିକକରଣ କରାଯିବ । ଏହି କାଯ୍ୟକ୍ରମରେ ଅନ୍ୟ ମାବଙ୍କ ମଧ୍ୟରେ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି . ସୁନିତା, ଉପ ଜିଲାପାଳ ବେଦ ବର ପ୍ରଧାନ, ଏସଡିପିଓ ଅରୁପ ଅଭିଷେକ ବେହେରା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, କାଉନସିଲର, ବୁଦ୍ଧିଜିବି ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ରାନ୍ତି ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମା'ତୁଝେ ସଲାମ୍' ମହାସମାରୋହରେ ପାଳିତ

ବ୍ରହ୍ମପୁର : ସ୍ଥାନୀୟ ବ୍ରହ୍ମପୁର ମହାନଗର ୧ମ ସାରଣୀସ୍ଥିତ କ୍ରାନ୍ତି ଅନୁଷ୍ଠାନ ତରଫରୁ ୭୬ତମ ସ୍ୱାଧୀନତା ଦିବସ ଅବସରରେ ରଙ୍ଗାରଙ୍ଗ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମା'ତୁଝେ ସଲାମ୍-୨୦୦୨' ସ୍ଥାନୀୟ ହିଲ୍‌ପାଟଣା ସ୍ଥିତ ବିଜୁପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ସଂସ୍କୃତି ଗବେଷକ ତଥା ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ.ହୃଷୀକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦେବାନନ୍ଦ ଦାଶଙ୍କ ଅଧକ୍ଷତା ତଥା ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଏମ୍‌ସି ମେୟର୍ ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଦୈନିକ ଖବର କାଗଜ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଡ.ଜଗନ୍‌ମୋହନ ମହାପାତ୍ର, ଏସ୍‌ଏମ୍‌ଆଇଟି ସଭାପତି ଡ.ଭଗବାନ ଗନ୍ତାୟତ, ପୂର୍ବତନ ବିଡ଼ିଓ ଅଧକ୍ଷ ସୁବାସ ମହାରଣା, କାଲାମ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟର ସମ୍ପାଦକ ସନ୍ତୋଷ କୁମାର ଜେନା, ଗଞ୍ଜାମ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଭବାନୀ ସାହୁ, ବିଇଏମ୍‌ସି କର୍ପୋରେଟର୍ ସଞ୍ଜିତ ପାଣିଗ୍ରାହୀ, କିଡ୍‌ଜୀ ପ୍ଲେ ସ୍କୁଲର ନିର୍ଦ୍ଦେଶକ ସଞ୍ଜିବ ସୁବୁଦ୍ଧି ଓ ଯୁବ ବିଜେଡ଼ି ଉପସଭାପତି ଏସ୍.ଏ ଖଲିଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ୱ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ଦାଶ ସମସ୍ତଙ୍କୁ କର୍କଟ ରୋଗ ଉପରେ ସଚେତନତା କରିବା ସହ ଛୋଟ ପିଲାମାନଙ୍କ ଦ୍ୱାରା ତମାଖୁ ଦ୍ରବ୍ୟ ନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଦିନରେ ସମସ୍ତେ ତମାଖୁ ଜାତୀୟ ଦ୍ରବ୍ୟ ସେବନ ନ କରିବା ପାଇଁ ସେ ଶପଥ କରାଇଥିଲେ। ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୪୦ଗୋଟି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କ୍ରାନ୍ତି ଅନୁଷ୍ଠାନ ସହ ୧୦ଗୋଟି ବିଦ୍ୟାଳୟର କୁନି କୁନି କଳାକାରମାନଙ୍କ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ଦର୍ଶକମାନଙ୍କ ମନକୁ ମୋହିତ କରିଥିଲା। ଏହି ଅବସରରେ ୧୨ଶହ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିବା ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନ ସହ ଆଇଏସ୍‌ଆରଡ଼ି ଚାଇଲ୍ଡ ଲାଇନ୍ ଓ ୱାନ୍ ଷ୍ଟେପ୍ ସେଣ୍ଟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ଏହି ଅବସରରେ କ୍ରାନ୍ତି ଅନୁଷ୍ଠାନର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର ରଥ, ନିର୍ମଳା ଦାଶ, ଦେବରାଜ ରାଉତ, ମନୋଜ କୁମାର ସାହୁ, ଅନିଲ୍ କୁମାର ସେଠୀ, ପରମାନନ୍ଦ ପଣ୍ଡା, ବିଦ୍ୟାପତି, ମହେଶ କୁମାର ପାଢ଼ୀ ଓ ଆଇଏସ୍‌ଆରଡ଼ିର ସହ ନିର୍ଦ୍ଦେଶକ ପ୍ରଭୁପ୍ରସାଦ ପାତ୍ର, କଲ୍ୟାଣ କୁମାର ସିଂ, ପ୍ରଣତି କାଉର, ଲତିକା ଦଳାଇ, ପ୍ରଭାତ କୁମାର ପାଢ଼ୀ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୁକୁନ୍ଦ ସାହୁ ଉଦ୍‌ଘୋଷକ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ଶେଷରେ ନିର୍ମଳା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରେମୁଆଁ ବସ୍ତି ଉନ୍ନୟନ ସଂଘ ତରଫରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ



ତାଳଚେର: ତାଳଚେର ପୌର ପରିଷଦର ୧୨ ନମ୍ବର ୱାର୍ଡ଼ ଅନ୍ତର୍ଗତ ରେମୁଆଁ ବସ୍ତି ଉନ୍ନୟନ ସଂଘ ତରଫରୁ ଜାଗା ମିଶନ ପରିସରରେ ୭୬ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତାଳଚେର ଉପନଗରପାଳ ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ମୁଖ୍ୟ ଅତିଥିଭାବେ ଏବଂ ସମ୍ମାନିତ ଅତିଥିଭାବେ ରାଜେଶ୍ୱର ମିଶ୍ର ଯୋଗ ଦେଇ ପତାକା ଉତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ସୁଶ୍ରୀ ପ୍ରଧାନ,ସମ୍ମାନିତ ଅତିଥି ଶ୍ରୀ ମିଶ୍ର ଏବଂ ରେମୁଆଁ ବସ୍ତି ଉନ୍ନୟନ ସଂଘର ସଭାପତି ମଞ୍ଜୁଲତା ଦାସ ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା କିଶୋର ରଥ,ଟିକନ ନାଏକଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସାହିତ୍ୟିକ ବୈକୁଣ୍ଠ ନାଥ ପୃଷ୍ଟିଙ୍କ ସ୍ମୃତି ଚାରଣ ସଭା

ନିଶ୍ଚିନ୍ତକୋଇଲି : ଆଜି ନିଶ୍ଚିନ୍ତକୋଇଲି ବ୍ଲକ ସରପଡାସ୍ଥିତ ମା ପାଟେଶ୍ୱରୀଙ୍କ ପବିତ୍ର ପୀଠ ଠାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ ବୈକୁଣ୍ଠନାଥ ପୃଷ୍ଟିଙ୍କର ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମା ପାଟେଶ୍ୱରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ମୃତି ଚାରଣ ସଭାରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କା ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାଜ୍ୟୋତି ରଘୁନାଥ ମହାନ୍ତି ,ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ କୈଳାସ ଚନ୍ଦ୍ର ସାହୁ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ପରିବାର ସମ୍ପାଦକ ପ୍ରମୋଦ କୁମାର ନାୟକ,ଜୟଗୋପ ବେହେରା,ଜୋନ୍ନାପଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ସାରଦା ପ୍ରସାଦ ମିଶ୍ର,ଯୁବକବି କ୍ଷିରୋଦ କୁମାର ଦାସ,ତ୍ରିଲୋଚନ ମହାପାତ୍ର,ବେଣି



ବଳରାମ ପାତ୍ର,ପ୍ରାଧାପକ ଡ,ନିଖିଳେଶ ମହାନ୍ତି,ଯୁବ ସଙ୍ଗଠକ ସୁରେନ୍ଦ୍ର କୁମାର ସାହୁ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ପୃଷ୍ଟିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁ ମୂଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଶେଷରେ ଗୋବିନ୍ଦ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତରତ୍ନ ବାଜପେୟୀଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକ ପାଳିତ

## ତୈଳ ବିଶୋଧନାଗାର ଜିରୋ ପଏଂଟ ଠାରେ ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ଦାବୀ



ପାରାଦୀପ : ପୂର୍ବତନ ପ୍ରଧାନମନ୍ତ୍ରୀ, ରାଷ୍ଟ୍ର ନାୟକ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାହପେୟୀଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକ ମଙ୍ଗଳବାର ଦିନ ପାରାଦୀପର ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସଂଧ୍ୟାରେ ନୂଆବଜାରସ୍ଥିତ ଟ୍ରଷ୍ଟ କାର୍ଯ୍ୟାଳୟରେ ସ୍ମୃତି ସଭା ଆୟୋଜିତ ହୋଇଥିଲା । ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଡ.ଧୃତିଧର ଦାସ ଯୋଗ ଦେଇଥିଲେ । ଟ୍ରଷ୍ଟର ଅଧକ୍ଷ ଅଜିତ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ସାମ୍ବାଦିକ ସୁଧୀର ରଂଜନ ଦାଶ, ଧୃବ ଚରଣ ମହାପାତ୍ର, ଶ୍ରମିକ ନେତା ଅନନ୍ତ କୁମାର ଦାସ ପ୍ରମୁଖ ଅଟଳ ବିହାରୀଙ୍କ ସ୍ମୃତି ଚାରଣ କରିଥିଲେ । ଟ୍ରଷ୍ଟର ସମ୍ପାଦକ ଅରୁଣ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଉପଦେଷ୍ଟା ଚରଣ ବିଶ୍ୱାଳ । ଏହି ସ୍ମୃତି ସଭାରେ ପାରାଦୀପ ଅଂଚଳର ବହୁ ବୁଦ୍ଧିଜୀବୀ, ଜନସାଧାରଣ ଯୋଗ ଦେଇ ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାଂଜଳୀ ଜ୍ଞାପନ କରିଥିଲେ । ଆଗାମୀ ଦିନରେ ତୈଳ ବିଶୋଧନାଗାରର ଜିରୋ ପଏଂଟ ଠାରେ ବାଜପେୟୀଙ୍କର ପ୍ରତିମୂର୍ତ୍ତୀ ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।

# ଅନ୍ୟ ଜାତିର ଘରେ ଖାଇବାରୁ ଶବ ଛୁଇଁଲେ ନାହିଁ ଗ୍ରାମବାସୀ

ଜୟପୁର : ଜୟପୁର ବ୍ଲକ ଅନ୍ତର୍ଗତ ବୈରାଗିମଠ ଗ୍ରାମରେ ଜଣେ ବୃଦ୍ଧା ମୁକ୍ତା ପରଜା ଙ୍କ ମୃତ୍ୟୁ ହୋଇଥିଲା । ଗତ ୬ ମାସ ତଳେ ମୃତ ମୁକ୍ତାଙ୍କ ପୁଅ ମଙ୍ଗଳା ପରଜା ଅନ୍ୟ ଜାତିର ଘରେ ଖାଇଥିଲେ । ଫଳରେ ଗ୍ରାମବାସୀ ମାନେ ମଙ୍ଗଳାର ପରିବାରକୁ ବାରଣ କରିଥିଲେ । ଭୋଜି ଭାତରେ ବି ସାମିଲ କରୁ ନଥିଲେ। ଏନେଇ ମୁକ୍ତା ଙ୍କ ମା ମୃତ୍ୟୁ ବରଣ କରିବାରୁ ଶବକୁ ଛୁଇଁ ନଥିଲେ । ମୁକ୍ତ କୁ ଚାରି କାନ୍ଧ ମଧ୍ୟ ଦେଇନଥିଲେ। ଶେଷରେ ପୁଅ ମଙ୍ଗଳା ଶବର କୋକେଇ କୁ ରାସ୍ତାରେ ଘୋଷାଡି ଘୋଷାଡି ନେଉ ଥିବା ବେଳେ ବୋହୁ କୁନି ମିଶି ଶବକୁ ଧରି ଶ୍ମଶାନକୁ ନେଇଥିଲେ । ଏମିତି କି ବହୁ ମଧ୍ୟ କୋକେଇକୁ ଧରି ପାରୁ ନଥିଲେ । ରାସ୍ତା ରେ ଶବଟି ତଳେ ପଡୁଥିଲି । । ଦୁନିଆ କେତେ ଆଗକୁ ଯାଇଥିଲ ବି ଆଜି ବି ଗ୍ରାମରେ ସେହି ଅନ୍ଧ ବିଶ୍ୱାସ କୁ ଧରି ବସିଛନ୍ତି ଗ୍ରାମବାସୀ। ମଙ୍ଗଳାର ଭୁଲ ଥିଲା ଅନ୍ୟ ଜାତି ଘରେ ଖାଇଥିଲା। ସେତିକି ଭୁଲ ପାଇ ଆଜି ମାର ସବକୁ ୪ ରି କାନ୍ଧ ମିଳି ନଥିଲା। ଅନ୍ୟ ଜାତିର ଘରେ ଖାଇବାରୁ ଶବ ଛୁଇଁଲେ ନାହିଁ ଗ୍ରାମବାସୀ । ଛୁଆଁ ଅଛୁଆଁ ଆଗରେ ମାନବିକତା ମଧ୍ୟ ହଜିଯାଇଛି । ଏପରି ଘଟଣା ଆଜି କୋରାପୁଟ ଜିଲାରେ ଚର୍ଚ୍ଚା ହୋଇଛି ।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ



କେନ୍ଦ୍ରାପଡ଼ା : ଦେଶ ତା'ର ୭୫ବର୍ଷ ପୂର୍ତ୍ତି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସମଗ୍ର ଓଡିଶାର ୨୫ଟି ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲାରେ ୫ଟି କରି ମୋଟ ୧୨୫ଟି ସ୍ଥାନରେ କବିତା ପାଠୋତ୍ସବ ସ୍ୱାଧୀନତା ଦିବସରେ ଆୟୋଜନ କରିଥିଲା। ପ୍ରାୟ ୨୫ଶହ କବି ତାଙ୍କର ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ। ଏହି କ୍ରମରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭା ଗୃହରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଡଃ. ବାସୁଦେବ ଦାସ ଓ କବି ନିରାକର ଦାସ ଯୋଗଦେଇ ଆମ ସ୍ୱାଧୀନତାରେ ଆମ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି କବି ଭାବେ ବୃନ୍ଦାବନ ଦାସ, ଅକ୍ଷୟ ନାୟକ, ଡଃ. ଶ୍ରୀଧର ସାମଲ, ମନୋରଞ୍ଜନ ସାହୁ, ରଞ୍ଜନ ବାଇ, ଡା. ବି. କେ. ପ୍ରଶାନ୍ତ କୁମାର, କବିତା ମୁଦୁଲି, ସୁନନ୍ଦା ପ୍ରଧାନ, ବୀଣାପାଣି ଚୌଧୁରୀ, ନୃସିଂହ ତରାଇ, ବିମଳ ପ୍ରସାଦ ପରିଡା, ପୁଷ୍ପାଞ୍ଜଳି ପଣ୍ଡା, ମନ୍ମଥ ବରାଳ, ହରିହର ବେହେରା, ମାମା ସ୍ୱାଇଁ, ସମର୍ପିକା ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କେନ୍ଦ୍ରାପଡା କଲେଜର ଅଧାପକ ରଞ୍ଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। କବି ନବଜ୍ୟୋତି ରାୟ କବିତା ସଂଯୋଜନା କରିଥିଲେ। ଏହି ସଭାକୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧାପିକା ମନୀଷାକାନ୍ତି ଜେନା, ଅଧାପିକା ସସ୍ମିତା ଅଧିକାରୀ ଓ ଅଧାପକ ପ୍ରମୋଦ ବେହେରା ସଂଚାଳନା କରିଥିଲେ। ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର, ସାନ୍ତସାହିର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## ମାଲକାନଗିରି ଜିଲାର ପୂବତନ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ହତ୍ୟା ମାମଲା

# ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟର ଦ୍ୱାରସ୍ଥ

ଜୟପୁର : ମାଲକାନଗିରି ଜିଲାର ପୁବତନ ଜିଲାପାଳ ଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ଙ୍କ ହତ୍ୟା ମାମଲା ସିବିଆଇ ଦ୍ୱାରା ତଦନ୍ତ କରିବାକୁ ଦାବୀ ହୋଇଛି। ଏନେଇ ସ୍ୱର୍ଗତ ପଣ୍ଡା ଙ୍କ ପତ୍ନୀ ବନଜା ପଣ୍ଡା ଏହି ମାମଲାର ସିବିଆଇ ତଦନ୍ତ କରାଇବା ପାଇ ଓଡିଶା ଉଚ୍ଚ ନ୍ୟାୟଳୟରେ ୧୧୦ ପୃଷ୍ଠାର ଏକ ତଥ୍ୟ ସମ୍ବଳି ଡବ୍ଲୁଆରଆଇଟି ଆବେଦନ କରିଛନ୍ତି । ୨୦୧୯ ଡିସେମ୍ବର ୨୭ ତାରିଖ ଦିନ ମାଲକାନଗିରିର ତତକାଳିନ ଜିଲାପାଳ ଙ୍କ ପିଏ ଦେବ ନାରାୟଣ ପଣ୍ଡାଙ୍କୁ ତାଙ୍କ ଆବାସିକ କାଯ୍ୟାଳୟରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡ ଘଟାଇବାରେ ତତକାଳିନ ଜିଲାପାଳ ମନିସ ଅଗ୍ରୱାଲଙ୍କୁ ତାଙ୍କ ରେସିଡେନ୍ସ ଅଫିସର ଟମ୍ପରାରି ଟାଟା ଏଣ୍ଟ୍ରି ଅପରେଟର ଶ୍ରୀ ଭି ବେଣୁ,ଷ୍ଟେନୋଗ୍ରାଫର ପ୍ରକାଶ ସ୍ୱାଇଁ , ଜଣେ ଅବସର ପ୍ରାପ୍ତ ରେଭିନ୍ୟୁ ଅଫିସର ଭଗବାନ ପାଣିଗ୍ରାହୀ ଏହି ୩ ଜଣ ମିଶି ସହ ଯୋଗ କରିଥିଲେ । ଯେଉଁଠି ଜିଲାପାଳ ନିଜେ ହତ୍ୟାକାରି ଏବଂ ଜିଲାପାଳ ଙ୍କ ରିସିଡେନ୍ସ ଅଫିସର କାଯ୍ୟରତ କର୍ମଚାରି ହତ୍ୟା ଘଟଣାର ସହଯୋଗି ସେଠି ହତ୍ୟା ଘଟଣାକୁ ଚପାଇ ଦେବାକୁ ଯାଇ ତତକାଳିନି ମାଲକାନଗିରି ଏସପି ରଶିକେଷ ଦିଆନ ଦେଓ ଖିଲାର ଏକ ସୁପରିକଳ୍ପିତ ଆତ୍ମହତ୍ୟାର ରୁପ ଦେବା ପାଇ ବ୍ୟବସ୍ଥା କରିଦେଲେ ଏବଂ ତାଙ୍କ ନିଦ୍ଦେଷ କ୍ରମେ ମାଲକାନଗିରିର ସବୁ ପୋଲିସ ଘଟଣାକୁ ଚପାଇ ଦେବା ପାଇ ନିଜ ନିଜ କାମରେ ଲାଗିଲେ । ହତ୍ୟା ଘଟଣା ଘଟିବାର ୧୩ ମାସ ପରେ ତାଙ୍କ ପତ୍ନି ବନଜା ପଣ୍ଡା ପ୍ରମାଣ ସଗ୍ରହ କରି ନିଶ୍ଚିତ ହେଲେ ଯେ ମାଲକାନଗିରିର ଏସପି ରଷିକେଶ ଦିଆନ ଦେଓ ଖିଲାର କଲେକ୍ଟର ମନିସ ଅଗ୍ରୱାଲ ଙ୍କୁ ବଞ୍ଚାଇବା କୁ ଯାଇ ଅନ୍ୟ ପୋଲିସ ଅଫିସର ସହାୟତାରେ ହତ୍ୟା ଘଟଣାକୁ ଚପାଇଦେବା ପ୍ରମାଣକୁ ନଷ୍ଟ କରିବା ସାକ୍ଷି ମାନଙ୍କୁ ଧମକାଇବା ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ଧମକ ଦେଇ ଥାନାକୁ ନେଇ ଧମକ ଦେବା, ଓ ସ୍ୱର୍ଗତ ପଣ୍ଡା ଙ୍କ ପତ୍ନି ନିକଟକୁ ପୋଲିସ ଏଜେଣ୍ଟକୁ ଛଦ୍ମ ବେଶରେ ପଠାଇ ପ୍ରମାଣ ନଷ୍ଟ କରିବା ପାଇ ଆବଷ୍ୟକିୟ କାଗଜ ପତ୍ର ଭୟ ଦେଖାଇ ନେଇଯିବା ଆଦି ଅପରାଧିକ କାଯ୍ୟରେ ଲିପ୍ତ ଅଛନ୍ତି । ସେହି ସମୟରେ ଏସଡିଜେଏମ କୋର୍ଟରେ ଏକ ଓାନସିସି ମାମଲା ଦାୟର କରିଥିଲେ । ମାମଲାର ଶୁଣାଣି ପରେ ଜଜ ଏହି ପୋଲିସ ଅଫିସର ଙ୍କ ବିରୁଦ୍ଧରେ ନିୟମ ଅନୁଯାଇ ସିଆରପିସି ଅନୁଯାଇ ଆବଷ୍ୟକିୟ ସାଙ୍ଗକସନ ଆଣିବାକୁ ଆର୍ଡର କଲେ । ପତ୍ନି ପଣ୍ଡା ସେହି ଅର୍ଡରର ରାଜ୍ୟ ସରକାରଙ୍କ ଗୃହ ବିଭାଗ, ମୁଖ୍ୟ ଶାସନ ସଚିବ, ଡିଜିପି, ୫ଟି ସଚିବ ଓ ମୁଖ୍ୟମନ୍ତ୍ରୀ ଙ୍କୁ ଡାକ ଯୋଗେ ବହୁ ବାର ଲିଖିତ ଆବେଦନ କରାଯାଇଥିଲା । କିନ୍ତୁ କିଛି ପଦକ୍ଷେପ ନେଇ ନାହନ୍ତି । ସଡିଜେମ କୋର୍ଟ ରେ କରାଯାଇଥିବା ଆଇସିସି ମାମଲା ହୋମ ଡିପାଟମେଣ୍ଟ ଠାରୁ ସିଆରପିସର ଧାରା ୧୯୭ ଅନୁଯାଇ ମଗାଯାଇଥିବା ଅଡର ବନଜା ବହୁ ବାର ଅନୁରୋଧ କରିବା ସ୍ୱତ୍ତେ ଆଜି ଯାଏ ନ ମିଳିବାରୁ ତାହା କୋର୍ଟ ରେ ଆଗେଇ ପାରି ନାହିଁ । ଲୋକ ଦେଖାଣିଆ ପାଇ ତଦନ୍ତ ଚାଲିଥିଲେ ମଧ୍ୟ ସାରା ମାମଲା ଟି ତାମାସାରେ ପରିଣତ ହୋଇଛି । ଯେଉଠି ନ୍ୟାୟ ପାଇବା ଏକ ସୁଦୁର ପ୍ରସାର ସଂଘର୍ଷ ବୋଲି ବନଜା ଓ ତାଙ୍କ ପିଲା ସୁଚନା ଦେଇଛନ୍ତି ।

# ସଂପାଦକୀୟ

## କାଶ୍ମୀରରେ ଆତଙ୍କୀଙ୍କ ନୂଆ ଫର୍ମୁଲା

ଭାରତର ଅବିଚ୍ଛେଦ୍ୟ ଅଙ୍ଗ କାଶ୍ମୀରରେ ଆତଙ୍କବାଦ ଦିନକୁ ଦିନ ଉଗ୍ରରୂପ ନେଉଥିବାର ଦେଖାଯାଉଛି । ଆତଙ୍କବାଦୀମାନେ ପ୍ରାୟ ପ୍ରତିଦିନ ନିରୀହ ସାଧାରଣ ଲୋକଙ୍କୁ ହତ୍ୟା କରିବା ଉଭୟ ସୁରକ୍ଷା ବାହିନୀ ତଥା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିରାଟ ଆହ୍ୱାନ ରୂପେ ଉଭା ହୋଇଛି । ଗତ ତିନି ମାସ ମଧ୍ୟରେ ଆତଙ୍କବାଦୀମାନେ ନିଜର ଲକ୍ଷ୍ୟଭେଦୀ ଆକ୍ରମଣରେ ୧୬ ଜଣ ସାଧାରଣ ନାଗରିକଙ୍କ ଜୀବନ ଲୁଟିନେଇଛନ୍ତି । ଏମାନଙ୍କ ଭିତରେ ୧୦ ଜଣ କାଶ୍ମୀରୀ ମୁସଲମାନ ଓ ଛ'ଜଣ ହିନ୍ଦୁ ରହିଛନ୍ତି । ସେହିପରି ଗତ ପାଞ୍ଚ ମାସ ଭିତରେ ଗ୍ରେନେଡ୍ ଆକ୍ରମଣରେ ୩ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୩ ଜଣଙ୍କୁ ପିସ୍ତଲ ଦ୍ୱାରା ଗୁଳି କରି ହତ୍ୟା କରାଯାଇଛି । କାଶ୍ମୀର ଉପତ୍ୟକାରେ ନିରସ୍ତ୍ର ସାଧାରଣ ନାଗରିକଙ୍କୁ କେବଳ ହତ୍ୟା କରାଯାଇଛି ତା' ନୁହେଁ, ଆତଙ୍କବାଦୀମାନେ ନିରସ୍ତ୍ର ପୁଲିସକୁ ମଧ୍ୟ ଟାର୍ଗେଟ୍ କରି ହତ୍ୟା କରୁଛନ୍ତି । ଗତ ଜୁଲାଇ ୧୮ ତାରିଖରେ ଉଗ୍ରବାଦୀମାନେ ଦକ୍ଷିଣ କାଶ୍ମୀରର ପୁଲଓ୍ୱାମା ଠାରେ ଜଣେ ରେଳସୁରକ୍ଷା କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରିଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଭାବରେ ଆହତ କରିଥିଲେ । ଅନନ୍ତନାଗ ଜିଲ୍ଲାରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ହିଜବୁଲ କମାଣ୍ଡରର ମୃତ୍ୟୁ ଘଟିଛି । ତା' ନିକଟରୁ ଏକେ-୪୭ ବନ୍ଧୁକ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ୍ ହୋଇଛି । ଏବେ ଆତଙ୍କବାଦୀମାନେ ବାଛି ବାଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ହତ୍ୟା କରୁଥିବାର ଲକ୍ଷ୍ୟ କରାଯାଉଛି । ଏହାଦ୍ୱାରା ସେମାନେ ଭୟର ବାତାବରଣ ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଲୋକଙ୍କୁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ, କାଶ୍ମୀରରେ ଆତଙ୍କବାଦର ଅନ୍ତ ଘଟିବା ସମ୍ଭବ ନୁହେଁ । କାଶ୍ମୀରରେ ଯୁବକମାନଙ୍କୁ ଆତଙ୍କବାଦୀରେ ପରିଣତ କରି ପାକିସ୍ତାନ ନିଜ ପରାଜୟର ପ୍ରତିଶୋଧ ନେବାକୁ ଚାହୁଁଥିଲା ଭଳି ମନେ ହେଉଛି । ଗତ ୨୦୧୯ ଅଗଷ୍ଟ ୫ ତାରିଖରେ ଭାରତ ସରକାର ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରି କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଉଠାଇ ନେଇଥିଲେ । ଜାମ୍ମୁ-କାଶ୍ମୀର ଆଉ ସ୍ୱତନ୍ତ୍ର ରାଜ୍ୟ ନହୋଇ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲା । ଏହାପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ଅନ୍ତ ଘଟିବ ବୋଲି ସେତେବେଳେ ଧାରଣା ସୃଷ୍ଟି କରାଯାଇଥିଲା । ମାତ୍ର ଏହି ଆଶା କ୍ରମଶଃ ମଉଳି ଯିବାରେ ଲାଗିଛି ଓ ଆତଙ୍କବାଦୀମାନେ ଅଧିକ ହିଂସ୍ର ତଥା ରକ୍ତମୁଖା ହୋଇ ଉଠିଛନ୍ତି । ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ପରେ କେନ୍ଦ୍ର ସରକାର କାଶ୍ମୀରବାସୀଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ଦିଆଯାଇଛି ଓ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି । ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ରାଜ୍ୟରେ ପୁଞ୍ଜି ନିବେଶ କରିବାକୁ ଆରମ୍ଭ କଲେଣି । ସମ୍ଭବତଃ ଏହି କାରଣରୁ ଆତଙ୍କବାଦୀ ସଂଗଠନଗୁଡ଼ିକ ଅତିମାତ୍ରାରେ ହତୋତ୍ସାହିତ ହୋଇ ପଡ଼ିଛନ୍ତି । ବହୁ ସଂଖ୍ୟାରେ ଆତଙ୍କବାଦୀ ନିପାତ ହୋଇଯିବା ପରେ ଏବେ ସେମାନେ 'ଟାର୍ଗେଟ୍ କିଲିଂ' ବା ଲକ୍ଷ୍ୟଭେଦୀ ହତ୍ୟାର ତାଣ୍ଡବ ରଚାଇବାର ଯୋଜନା କରି ସେହି-ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଛନ୍ତି । କୁଲଗାମରେ ବ୍ୟାଙ୍କ ଭିତରେ ପ୍ରବେଶ କରି ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ସେମାନେ ହତ୍ୟା କରିଛନ୍ତି । ଆତଙ୍କବାଦୀମାନଙ୍କର ଏହି ନୂତନ ରଣନୀତିକୁ ଉଚିତ୍ ଜବାବ ଦେବା ଲାଗି ଆମ ସୁରକ୍ଷା ବାହିନୀ ସଦାସର୍ବଦା ଜାଗତିଆର ରହିବାକୁ ପଡ଼ିବ । ନଚେତ୍ ନିରୀହ ନାଗରିକଙ୍କ ରକ୍ତରେ ହୋଲି ଖେଳିବାକୁ ସେମାନେ ସୁଯୋଗ ପାଇବେ ।

## ମୋ ଜୀବନ ପଛେ ନର୍କେ ପଡ଼ିଥାଉ...

ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ତାଙ୍କ କଣ୍ଠରୁ ଉଚ୍ଚାରିତ ସନ୍ଥକବି ଭୀମ ଭୋଇଙ୍କ ପଦାବଳି ଦେଶବାସୀ ବିଶେଷକରି ଓଡିଶାକୁ ଉତ୍ସାହିତ କରିଛି । **"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ; ଜଗତ ଉଦ୍ଧାର ହେଉ ।"** ଏଇଭଳି ପଦେ କବିତା ପୃଥିବୀରେ ଆଉ କିଏ କେଉଁଠି ଲେଖିଛନ୍ତି ଏପର୍ଯ୍ୟନ୍ତ, ବିଶେଷକରି ମୋ ଦୃଷ୍ଟିକୁ ଆସିନାହିଁ । ଏଭଳି ସମ୍ବେଦନଶୀଳ ସ୍ରଷ୍ଟା ବିଶ୍ୱସାହିତ୍ୟ ଆକାଶରେ ଦେଖାଦେବା ସମ୍ଭବ ହୋଇଥିବା ଯୋଗୁ କେବଳ ଓଡ଼ିଶା ନୁହେଁ, ଆମେ ସାରା ବିଶ୍ୱର ଜନଗଣ ସେହି ଦୁଃସାହସିକ, ବିପ୍ଳବୀ, ସାଧକ, ପିତୃମାତୃହରା, ନିର୍ଯ୍ୟାତିତ, ମୂଳିଆ, ଗାଈଚରାଳି, ଅପାଠୁଆ, ମହାଜ୍ଞାନୀ, ଆଦିବାସୀଙ୍କ ମଉଡମଣି ଅନ୍ଧ, କନ୍ଧ ଓ ସନ୍ଥକବି ଦରଦୀ କବି, ସାଲିସ୍ ବିହୀନ କବି, ଗଣକବି ଭୀମଭୋଇଙ୍କ ମହାନୁଭବ ନିକଟରେ ଚିରଦିନ ଋଣୀ ରହିଥିବା ।

ଏଇ ଭୁବନବିଖ୍ୟାତ ଭାବୋଚ୍ଛ୍ୱାସମୟ ପଦାବଳୀ କଲିକତାର ଜାତୀୟ ପାଠାଗାର ସମ୍ମୁଖରେ ଯେଉଁଭଳି ଶୋଭାପାଉଛି, ଜାତିସଂଘରେ ମଧ୍ୟ ସେହିଭଳି ସ୍ୱତନ୍ତ୍ର ମର୍ଯ୍ୟାଦାର ସହ ସ୍ଥାନ ପାଇଛି । ଏହା କମ୍ ବଡ ଗର୍ବ ଓ ଗୌରବର କଥା ନୁହେଁ – ଏହାହିଁ ଆଧୁନିକ ।

ସନ୍ଥକବି ଭୀମଭୋଇ ୧୮୫୦ ମସିହାରେ ଜନ୍ମଗ୍ରହଣ କରି ୧୮୯୫ ମସିହାରେ ମାତ୍ର ୪୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି। ସ୍ତୁତିଚିନ୍ତାମଣି, ଶ୍ରୁତିନିଷେଧ ଗୀତା, ଆଦିଅନ୍ତ ଗୀତା, ବ୍ରହ୍ମନିରୂପଣ ଗୀତା, ନିର୍ବେଦସାଧକ, ପଦ୍ମକଳ୍ପ ଭଳି ଅନେକ କାବ୍ୟକବିତା ରଚନା କରିଯାଇଛନ୍ତି । ତାଙ୍କ ତୁଣ୍ଡରୁ ଯେଉଁ ଗଙ୍ଗାର ଧାରା ନିର୍ଗତ ହୋଇଛି, ତାହା କେବଳ ଭାରତରେ ପ୍ରବାହିତ ହୋଇନି, ସମଗ୍ର ବିଶ୍ୱକୁ ଶୀତଳ ଜଳରେ ସିଞ୍ଚନ କରିଦେଇଛି ।

ଓଡ଼ିଶାର ଅନ୍ୟତମ ବରପୁତ୍ର ଡକ୍ଟର ମାୟାଧର ମାନସିଂହ ଭୀମଭୋଇଙ୍କ ଶ୍ରେଷ୍ଠ ପଦାବଳୀକୁ ଇଂରାଜୀରେ ଅନୁବାଦ କରି ଆନ୍ତଃର୍ଜାତୀୟ ସ୍ତରରେ ଜାତିସଂଘରେ ଲିପିବଦ୍ଧ କରାଇଛନ୍ତି । ମର୍ମାନୁବାଦ "ଉଷକ୍ଷ ସଭୟରରୟ ମବଭ ଉରବକ୍ସ ଶ୍ୱକ୍ଷ ଶ୍ୱରର ଶ୍ୱଙ୍କମଷ ଙ୍କସଶ୍ୱରକ୍ସଙ୍ଗ ବଙ୍କକ୍ଷଭଶ ଶ୍ୱଷର ଗଙ୍କ୍ଷକ୍ସଷୟ'ଶ୍ୱ ମକ୍ସରବଶ୍ୱଙ୍କକ୍ସରଶ୍ୱ ? ଖରଶ୍ୱ ଙ୍କର ଶ୍ୱଶ୍ୱବଙ୍ଗ ସଭ ଷରକ୍ଷଷ ଲକ୍ଷ୍ଣ ରଙ୍ଗରକ୍ସ, ସଲ ଶ୍ୱଷର ଗଙ୍କ୍ଷକ୍ସଷୟ ଶ୍ୱଷରକ୍ସରଭଙ୍ଗ ଭର ଶ୍ୱବଙ୍ଗରୟ." କାର୍ଲ ମାର୍କ୍ସଙ୍କ ଚିନ୍ତାଧାରା ଭଳି ଭୀମଭୋଇ ମଧ୍ୟ ଶ୍ରେଣୀହୀନ ସମାଜବ୍ୟବସ୍ଥାର ପ୍ରବର୍ତ୍ତକ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଏବଂ ମାନବବାଦର ପ୍ରଚାରକ ଥିଲେ । ଜଣେ ନିରକ୍ଷର, ଅନ୍ଧ, କନ୍ଧ ଆଦିବାସୀ କବି ବିଶ୍ୱଚିନ୍ତାରେ ନିମଗ୍ନ ହେବା କ୍ୱଚିତ୍ ଦେଖାଯାଏ । ତାଙ୍କୁ ମଧ୍ୟ ସାଧାରଣ ମଣିଷର ସଭାକବି କହିଲେ ଅତ୍ୟୁକ୍ତି ହେବନାହିଁ ।

ଭୀମଭୋଇ ଗୋଟିଏ କଥା ପ୍ରମାଣ କରିଯାଇଛନ୍ତି – ଯେଉଁଠି ବିପର୍ଯ୍ୟୟ, ସେଇଠି ଜୟଜୟ । ସେ ଯେତେବେଳେ ନାରଦ ଭୂମିକାରେ ଅବତୀର୍ଣ୍ଣ ହୋଇ ସତ୍ୟକୁ ସତ୍ୟ ମିଥ୍ୟାକୁ ମିଥ୍ୟା କହିଚାଲୁଥିଲେ, ଗାଇଗାଇ କଣ୍ଠ ଫଟାଇ ଦେଉଥିଲେ, ସେତେବେଳେ ରାଜାରାଜୁଡା, ବ୍ରିଟିଶ୍ ଗୁପ୍ତଚରମାନଙ୍କଠାରୁ କମ୍ ଗାଳି ଖାଇନାହାଁନ୍ତି – ତାଙ୍କୁ ସମସ୍ତେ ବିଶେଷକରି ସାମନ୍ତବାଦୀ, ସାମ୍ରାଜ୍ୟବାଦୀମାନେ ନିର୍ଯ୍ୟାତନା ଦେଇ କୋଣଠେସା କରିଦେଇଛନ୍ତି, କିନ୍ତୁ ସେ ସାଧନାପଥରୁ କେବେ ବିରତ ହୋଇନାହାଁନ୍ତି ।

ଭୀମଭୋଇ ସାହିତ୍ୟରେ ବିଶ୍ୱଚେତନା ଭରପୁରା ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଯନ୍ତ୍ରଣାକୁ ଅନୁଭବକରି ସେ ସହ୍ୟକରି ପାରିନାହାଁନ୍ତି । ସେ ସମସ୍ତଙ୍କ ଦୁଃଖମୋଚନ କରିବା ପାଇଁ ପ୍ରାଣର ପ୍ରାର୍ଥନା କରିଛନ୍ତି । ବିଶ୍ୱର ଦୁଃଖକୁ ସେ ଅନ୍ତରରେ ଅନୁଭବ କରି ତାଙ୍କ ପଦାବଳୀରେ ଶୁଣାଇଛନ୍ତି, ଆଜି ମଧ୍ୟ କୌଣସି ବିପ୍ଳବୀକବି ସେଭଳି ପଦାବଳୀ ରଚନା କରିପାରିନାହାଁନ୍ତି । ତେଣୁ ତାଙ୍କ ପଦ୍ୟ କାଳଜୟୀ । ଆଜିବି ସୂର୍ଯ୍ୟାଲୋକ ପରି ଜକ୍‌ଜକ୍ ହୋଇ ରହିଛି, ଏ ବିଶ୍ୱବ୍ରହ୍ମାଣ୍ଡ ଥିଲା ପର୍ଯ୍ୟନ୍ତ ରହିଥିବ ମଧ୍ୟ ।

ଭୀମଭୋଇ ଥିଲେ ଓଡିଆ ଆଧୁନିକ କବିତାର ଜନକ । କେବଳ ଓଡ଼ିଆ ସାହିତ୍ୟ ନୁହେଁ, ବିଶ୍ୱସାହିତ୍ୟରେ ତାଙ୍କର କେବଳ ପଦେ କବିତା "ପ୍ରାଣୀଙ୍କ ଆରତ... ଜଗତ ଉଦ୍ଧାର ହେଉ" ଆଜି ମଧ୍ୟ ବିଶ୍ୱର ଆଧୁନିକ ସାହିତ୍ୟରେ ସ୍ୱତନ୍ତ୍ରସ୍ଥାନ ଦଖଲ କରିରହିଛି । ଆଧୁନିକ କାବ୍ୟଜଗତର ମଉଡ଼ମଣି ଆଦିବାସୀ କବି ଭୀମଭୋଇଙ୍କର ଅନ୍ତଃଦୃଷ୍ଟି ଓ ବହିଃଦୃଷ୍ଟି ମଧ୍ୟରେ ତାରତମ୍ୟ ନାହିଁ । ଅନ୍ତର ଯେଉଁଭଳି ବାହାରକୁ ପ୍ରଭାବିତ କରୁଥାଏ, ବାହାର ସେଇଭଳି ଅନ୍ତରକୁ ଭେଦ କରିଯାଏ । ଭୀମଭୋଇଙ୍କ ଅନ୍ତର ବାହାର ଏକାକାର ହୋଇ ଯାଇଥିଲା । ଏହାହିଁ ତାଙ୍କର ବୈଶିଷ୍ଟ୍ୟ ।

**ମାୟାଧର ନାୟକ**

ସଙ୍କଟ, ସମ୍ପତ୍ତି, ଦାନବମାନବ, ଶତ୍ରୁ ମିତ୍ର, ସୁଖଦୁଃଖ, ହର୍ଷବିଷାଦ, ପାପପୁଣ୍ୟ, ସତ୍ୟମିଥ୍ୟା ସବୁ ଏକାକାର ହୋଇଯାଇଛି ଭୀମଭୋଇଙ୍କ ଠାରେ । ଶୀତକାକର, ଖରାବର୍ଷା, ପାଣିପବନ ତାଙ୍କୁ ବାଧୁନଥିଲା, କେବଳ ବାଧୁଥିଲା ପ୍ରାଣୀଙ୍କ କଷଣ । କେବଳ ସତ୍ୟପଥରେ ହିଁ ଜଗତର ମଙ୍ଗଳ ହେବ ବୋଲି ଦୃଢ଼ମନା ହୋଇ ସତ୍ୟର ଜୟଜୟକାର, ଜୀବନର ଜୟଗାନ କରି ଚାଲିଛନ୍ତି । ସେଦିନର ଜୟଗାନ ଆଜି କୋଟିକଣ୍ଠରେ ଗୁଞ୍ଜରଣ ସୃଷ୍ଟି କରିଛି ।

ଭୀମଭୋଇ ଅନ୍ଧ ଥିଲେ, କି କନ୍ଧ ଥିଲେ, ପାଠୁଆ ଥିଲେ କି ମୂର୍ଖ ଥିଲେ, ସଂସାର ଜଞ୍ଜାଳରେ ଜଡ଼ିତ ଥିଲେ କି ନାହିଁ, ଏ ସଂପର୍କରେ ବହୁ ଜ୍ଞାନୀପଣ୍ଡିତ ବ୍ୟକ୍ତି ବର୍ଣ୍ଣନା କରି ଯାଇଛନ୍ତି । ଆମେ ଏଠାରେ ଏସବୁ ରହସ୍ୟକୁ ଉନ୍ମୋଚନ ନକରି କେବଳ ତାଙ୍କର ଚିନ୍ତା, ଚେତନାରେ ସାହିତ୍ୟ, ପୁରାଣ, ଲୋକସାହିତ୍ୟକୁ ଏକାକାର କରି ତାଙ୍କ ଅଜଣାରେ ସେ ଆଧୁନିକ ସାହିତ୍ୟର ଅଗ୍ରଦୂତ ହୋଇଛନ୍ତି, କେବଳ ବହୁ କାବ୍ୟକବିତା, ଜଣାଣ ଭଜନ, ମହିମା ଧର୍ମପ୍ରଚାରକୁ ଏଠାରେ ନ ବଖାଣି, ପଦେ କବିତା ଆଜି କୋଟି କଣ୍ଠରେ ବସା ବାନ୍ଧି ଦେଇଥିବାରୁ ସେ ମହାନ୍ ହୋଇଯାଇଛନ୍ତି ବୋଲି ଆମର ମନେହୁଏ । ଯଦିଓ ତାଙ୍କର ଜନ୍ମବୃତାନ୍ତ ରହସ୍ୟମୟ, ଜନ୍ମିତ ସ୍ଥାନ ନେଇ ବହୁ ବାଦବିବାଦ ଏବଂ ତାଙ୍କର ଜୀବନରେ ଅନେକ ଅଲୌକିକ ଘଟଣା ଘଟିଯାଇଛି, ଏସବୁ ଇତିହାସର ବିଷୟବସ୍ତୁ । କିନ୍ତୁ ଆମେ ସେଆଡ଼କୁ ପଶି ମନ୍ଥନ କରିବା ଅପେକ୍ଷା ତାଙ୍କ ଜୀବନମନ୍ଥନରୁ ଯେଉଁ ଅମୃତବାଣୀ ପାଇଛେ, ସେହି ହିଁ ଆମର କାଳଜୟୀ ସମ୍ପତ୍ତି ଏବଂ ସେହି ହିଁ ଆମ ସମ୍ମୁଖରେ ମହାତ୍ମା ଭୀମ ଭୋଇ ।

ଆଜି ଓଡ଼ିଶାର ଜ୍ଞାନୀ, ଗୁଣୀ, ବିଜ୍ଞଜନମାନେ ଭୀମ ଭୋଇଙ୍କୁ ଯଥାର୍ଥ ସମ୍ମାନ ଦେଇ ପାରିନାହାନ୍ତି । ତାଙ୍କ ରଚନାର ସତ୍ୟାସତ୍ୟ ରହସ୍ୟ ମଧ୍ୟ ଏପର୍ଯ୍ୟନ୍ତ ଗବେଷକମାନେ ଭେଦ କରିପାରିନାହାନ୍ତି ।

ଏପର୍ଯ୍ୟନ୍ତ ଆମେ ମହାତ୍ମା ଭୀମଭୋଇଙ୍କୁ ଠାବ କରି ପାରିନାହାଁନ୍ତି । ଆମ ଓଡ଼ିଶାର ବହୁ ପ୍ରାଚୀନ, ଆଧୁନିକ କବି, ଲେଖକ, ବିଦେଶ ସାହିତ୍ୟକୁ ଅବଶ୍ୟ ଅନୁକରଣ କରିଛନ୍ତ; କିନ୍ତୁ ଏଇମାଟିର ଭୀମଭୋଇଙ୍କୁ ଚିହ୍ନିପାରିଲେ ନାହିଁ । ସେଇଥିପାଇଁ ଆଜି ଯେଉଁମାନେ ଆଧୁନିକ ସାହିତ୍ୟର ପ୍ରବକ୍ତା ବୋଲି ଡିଣ୍ଡିମ ପିଟୁଛନ୍ତି – ସେମାନଙ୍କ ପିତାମହ ଭୀମ ଭୋଇଙ୍କୁ ଭୁଲିଯାଉଛନ୍ତି ।

ପ୍ରାଣୀଙ୍କ ଆରତକୁ ଉଲ୍ଲେଖ କରିଥିବା ଭୀମ ଭୋଇଙ୍କର ପୃଥିବୀପ୍ରସିଦ୍ଧ ପଦାବଳୀ ବାହାରକୁ ସରଳ ମନେ ହେଉଥିଲେ ହେଁ ଏହାର ଭିତରଟା ଏକ ବ୍ୟଞ୍ଜନାତ୍ମକ ବ୍ୟାପ୍ତିକୁ ସୂଚାଇଦିଏ । ପ୍ରଥମ ପଦରେ ସୂଚିତ 'ପ୍ରାଣୀ' ହେଉଛି ସମୁଦାୟ ପ୍ରାଣଧାରୀ ସତ୍ତାର ପ୍ରତୀକ । ଅନ୍ନମୟ କୋଷରୁ ଉନ୍ନୀତ ହୋଇ ପ୍ରାଣମୟ କୋଷରେ ଉପନୀତ ଏ ବିଶାଳ ଜୀବଜଗତ 'ଆରତ'ରେ ଅତିଷ୍ଠ – ଅର୍ଥାତ୍ ଜୀବନ ଓ ମୃତ୍ୟୁର ମଧ୍ୟବର୍ତ୍ତୀ ଇଲାକାରେ ଜୀବ ଭୟ, ଆତଙ୍କ ଓ ଆଶଂକାରେ ଅନବରତ ଉତ୍ପୀଡ଼ିତ । କବି ଭୀମ ଭୋଇ ଏହି ଭୟାର୍ତ୍ତ ଜୀବନର ଆତ୍ମିକ ଦୁଃସ୍ଥିତିକୁ ଅସହ୍ୟ ମଣିଛନ୍ତି । କ୍ଲେଶ, କଷ୍ଟ, କଷଣରେ କବଳିତ ପ୍ରାଣୀ । ମାତ୍ର 'ଆରତ' ଶବ୍ଦ ପରେ ଯେଉଁଠି ସେ 'ଦୁଃଖ' ଶବ୍ଦ ଉଚ୍ଚାରଣ କରିଛନ୍ତି ଏବଂ ଏହି 'ଦୁଃଖ'କୁ ଅପ୍ରମିତ ବୋଲି ତାତ୍ପର୍ଯ୍ୟଟିଏ ଦେଇଛନ୍ତି, ସେଠି ସରଳ ଶବ୍ଦଟିରେ ବ୍ରହ୍ମବ୍ୟଞ୍ଜନାଟିଏ ଛାଡ଼ିଯାଇଛନ୍ତି । କ'ଣ ସେ ବ୍ୟଞ୍ଜନା ସେ ବ୍ୟଞ୍ଜନା – ଦୁଃଖ କିଏ ଅନୁଭବ କରେ ? ଗଧ, ଘୋଡା, ହାତୀ ନା କୁମ୍ଭୀର ? ମାନବେତର ପ୍ରାଣୀ 'ଆରତ'ରେ ଆକ୍ରାନ୍ତ ହେଉଥିବାବେଳେ ମଣିଷର ହିଁ ଥାଏ 'ଦୁଃଖ'ର ଅବବୋଧ । ବୁଦ୍ଧ ଏହି ଦୁଃଖକୁ କାମନାର କାରକ ରୂପେ କୀର୍ତ୍ତିତ କରିଯାଇଛନ୍ତି । କାମନାର କ୍ରମବୃଦ୍ଧି ମଣିଷଜୀବନରେ ଆଣେ ଭ୍ରମବୃଦ୍ଧି – ଆଣେ ଦୁଃଖ । କବି ଭୀମ ଭୋଇ 'ଆରତ' ଶବ୍ଦରେ ପ୍ରାଣପୀଡ଼ାକୁ ସୂଚାଇଥିବାବେଳେ 'ଦୁଃଖ' ଶବ୍ଦଟିରେ ଆତ୍ମପୀଡ଼ାକୁ ଆଭାସିତ କରିଛନ୍ତି – ଯାହା ମଣିଷଜୀବନ ସହିତ ଏକାନ୍ତ ପ୍ରାଯୁଜ୍ୟ ରକ୍ଷା କରେ ।

ବୈଷ୍ଣବଧର୍ମର ବୈତାଳିକ ଚଣ୍ଡୀ ଦାସ 'ସବାର ଉପରେ ମାନୁଷ ସତ୍ୟ' ଉଦ୍‌ଘୋଷଣ କରି ମଣିଷକୁ ଜୀବନର ମୁଖ୍ୟ କେନ୍ଦ୍ର ବୋଲି ବ୍ୟକ୍ତ କରିଥିବାବେଳେ ମହିମା ଧର୍ମର ମହାତ୍ମା ଭୀମ ଭୋଇ ତାଙ୍କର ପୃଥିବୀପ୍ରସିଦ୍ଧ ପଦଟିରେ କେଉଁଠି ବି 'ମଣିଷ' ଶବ୍ଦ ଉଚ୍ଚାରଣ ନ କରି ସୁଦ୍ଧା 'ଦୁଃଖ ଅପ୍ରମିତ' ଉଲ୍ଲେଖ କରିବା ଦ୍ୱାରା ମାନବିକ ମର୍ମବେଦନାର ଅବବୋଧକୁ ହିଁ ବ୍ୟଞ୍ଜିତ କରିଯାଇଛନ୍ତି । ଇଏ କିଛି କମ୍ କଥା କି ? ଏଥିରେ ଉଲ୍ଲିଖିତ ହୋଇଛି ଉର୍ଦ୍ଧ୍ୱଚେତନାର ଅଭିବ୍ୟକ୍ତି । ପୁଣି 'ଅପ୍ରମିତ' ଶବ୍ଦଟି ଜନ୍ମଜନ୍ମାନ୍ତରର ଯାତନାକୁ ସୂଚାଉଛି । ଜନ୍ମପୁନର୍ଜନ୍ମର ବନ୍ଧନୀରେ ମଣିଷର ଆତ୍ମା ଘଟରୁ ଘଟାନ୍ତର ପରିଗ୍ରହ କରେ ଏବଂ ପ୍ରତ୍ୟେକ ଜୀବନକୁ ଜୀବନ୍ତ ମରଣ ତୁଲ୍ୟ ଅନୁଭବ କରିଥାଏ । ହିନ୍ଦୁତତ୍ତ୍ୱର ଏହି ଜନ୍ମଜନ୍ମାନ୍ତରର ଚକ୍ରବନ୍ଧନକୁ 'ଦୁଃଖ ଅପ୍ରମିତ' ଭଳି ଶବ୍ଦଯୁଗଳ ମାଧ୍ୟମରେ ବଡ ବ୍ୟଞ୍ଜନାତ୍ମକ ଭାବରେ କହିଛନ୍ତି ଭୀମ ଭୋଇ । 'ଅପ୍ରମିତ' – ଗଣି ହେଉନାହିଁ, କଳି ହେଉନାହିଁ – ଏ ଜନ୍ମର ଦୁଃଖ ନୁହେଁ ଖାଲି – ଏକ ପରେ ଏକ ଅନେକ ଅନେକ ଜନ୍ମର ଯାତନାରେ ଜର୍ଜରିତ ଏହି ଚିତ୍ରକଳ୍ପ – 'ଅପ୍ରମିତ' !

ଦେହରେ ବଞ୍ଚୁଥିବା ସତ୍ତା ହୁଏତ ସହିନେଇପାରେ ଏ ଜୀବନଯାତନା; ମାତ୍ର ଆତ୍ମାରେ ବିହରୁଥିବା ପୁରୁଷ କ'ଣ ସହିପାରିବ ଏ ଆରତ ? ଏ ଦୁଃଖ ଅପ୍ରମିତ ? ଭୀମ ଭୋଇ ମହିମାଧର୍ମର ମହାତ୍ମା -ସାଧାରଣ ପଦ୍ୟକାର କି କୋଷ୍ଟବଦ୍ଧ କବି ହୋଇଥିଲେ କ'ଣ ତାଙ୍କ ଲେଖନୀରୁ ଏପ୍ରକାର ଲୋତକବର୍ଷଣ ହୋଇପାରିଥାନ୍ତା ? ସେଥିପାଇଁ ସେ କହିଛନ୍ତି – 'ଦେଖୁଦେଖୁ କେ ବା ସହୁ ? ହେଲେ ଏ 'ଦେଖିବା' କ'ଣ ଖାଲି ଚାହିଁବା ନା ଅନାଇବା ? ଏ 'ଦେଖିବା' ହେଉଛି 'ଦ୍ରଷ୍ଟା'ର ଦୃଷ୍ଟାନ୍ତ – ବେଦରେ କବିକୁ କୁହାଯାଇଛି 'କ୍ରାନ୍ତଦର୍ଶୀ' । କବି ଏଠି ଦ୍ରଷ୍ଟା । ଭବିଷ୍ୟ-ଦୃଷ୍ଟିର ଭାବଉଚ୍ଛଳ ଦ୍ରଷ୍ଟା – ଭୀମ ଭୋଇ ଏହି ଭାବବାଦୀ ଭବିଷ୍ୟଦୃଷ୍ଟିର ଅବିସ୍ମରଣୀୟ କବିର୍ମନାଷୀ ।

ଏହି ପୃଥିବୀପ୍ରଖ୍ୟାତ ପଦର ପରବର୍ତ୍ତୀ ପାଦରେ ଭୀମ ଭୋଇ ନିଗାଡ଼ି ଦେଇଛନ୍ତି ମହାମାନବିକ ମନ୍ତ୍ରଧ୍ୱନି – 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ'... । ଏ ଜୀବନ ସହିତ ଅବବୋଧରେ ସଂପୂର୍ଣ୍ଣ ସାମିଲ୍ ହୋଇଯାଇ 'ମୋ ଜୀବନ' ଉଚ୍ଚାରଣ କଲେ ମହାତ୍ମା କବି । ଏଠି ବ୍ୟକ୍ତିପୁରୁଷ ବିବର୍ତ୍ତିତ ହୋଇ ପାଲଟିଛି ସମୂହସତାର ପ୍ରତିନିଧି । ଅହଂର ଅନ୍ତ ଘଟିଛି ଅଶ୍ରୁରେ । ଅନ୍ତରାତ୍ମାରୁ ଆସିଛି ଚୈତ୍ୟପୁରୁଷର ମର୍ମ-ମାଙ୍ଗଳିକ – 'ଜଗତ ଉଦ୍ଧାର ହେଉ'...

ଏହି ପଦରେ ବ୍ୟବହୃତ ୧୬ଟି ଯାକ ଶବ୍ଦ ମନ୍ତ୍ର ଶବ୍ଦ । ପ୍ରତ୍ୟେକ ଶବ୍ଦ ଏଠାରେ ସ୍ୱକୀୟ ବ୍ରହ୍ମର ଶରୀରାତ୍ମକ ପ୍ରକାଶ । ଏଠାରେ 'ନର୍କ' କହିଲେ ସମକାଳର ଅସାର ସଂସାର ଦ୍ୱାରା ଉପୁଜିଥିବା ମୋହ ଓ ମମତାହୀନତାର ମାନଚିତ୍ରଟାଏ । ଆମେ ଯଦି ପୃଥିବୀରେ ସ୍ୱର୍ଗ ସକାଶେ ସଂଗ୍ରାମ କରିବା, ଆମକୁ ତେବେ ମଇଦାନ କରିବାକୁ ପଡ଼ିବ ଏଠାକାର ନର୍କକୁ। ଏ 'ନର୍କ' ପୁରାଣର ପରିକଳ୍ପ ନୁହେଁ, ଛିନ୍ନଭିନ୍ନ ଜୀବନର ଚିତ୍ରକଳ୍ପ ।

ଭୀମ ଭୋଇଙ୍କୁ କୋଟି ଦଣ୍ଡବତ । ସେ ଚେତନାର ଚାରଣ । ଜୀବନର ଜାଗରଣ ଚାହିଁଛନ୍ତି ସେ, ଅଙ୍ଗୀକାର କରିଛନ୍ତି ଆତ୍ମୋତ୍ସର୍ଗକୁ । ଯିଏ ଯେତେବଡ଼ କବି, ପଣ୍ଡିତ ବୋଲାଉଥାଉ, ବରଂ ଟନଟନ କାଗଜରେ ବହି ଛପାଇ ବାଣ୍ଟୁଥାଉ, କିନ୍ତୁ ଅନ୍ୟତମ ବିଶ୍ୱକବି ଭୀମ ଭୋଇଙ୍କ ପଦାବଳୀ... "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"ର ମାର୍ମିକ ଅର୍ଥକୁ ହୃଦୟଙ୍ଗମ କରି ଜଗତ ଉଦ୍ଧାରପାଇଁ କାବ୍ୟରେ କବିତାରେ ସତ୍ୟ ରଚିଗଲେ ତାହାହିଁ ହେବ ଭୀମ ଭୋଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

## ଭଗବାନ ବିଷ୍ଣୁ ଓ ନାରଦ ମୁନି

ଥରେ ନାରଦ ମୁନି ଭଗବାନ ବିଷ୍ଣୁଙ୍କୁ ପଚାରିଲେ, ହେ ଭଗବାନ ଏହି ସମୟରେ ଆପଣଙ୍କର ସବୁଠାରୁ ପ୍ରିୟ ଭକ୍ତ କିଏ ? ବିଷ୍ଣୁ ତ ସ୍ୱୟଂ ଭଗବାନ, ସେ ନାରଦ ମୁନିଙ୍କ କଥା ବୁଝିଗଲେ ଆଉ ମୁରୁକି ହସି ଉତ୍ତର ଦେଲେ 'ମୋର ସବୁଠୁ ପ୍ରିୟ ଭକ୍ତ ଗାଁରେ ରହୁଥିବା ଜଣେ ମାମୁଲି କୃଷକ ।' ଏହା ଶୁଣି ନାରଦ ଟିକେ ନିରାଶ ହୋଇଗଲେ । ପୁଣି ଏକ ପ୍ରଶ୍ନ କଲେ, 'ହେ ଭଗବାନ ଆପଣଙ୍କ ବଡ଼ ଭକ୍ତ ତ ମୁଁ, ହେଲେ ସବୁଠୁ ପ୍ରିୟ ମୁଁ କିପରି ହୋଇପାରିଲି ନାହିଁ ? ଭଗବାନ ବିଷ୍ଣୁ ନାରଦ ମୁନିଙ୍କୁ କହିଲେ ଏହାର ଉତ୍ତର ତୁମେ ନିଜେ ହିଁ ଦେଇପାରିବ । ଦିନେ ତାଙ୍କ ଘରକୁ ଯାଅ, ତାଙ୍କର ସମସ୍ତ କାମକୁ ତଦାରଖ କର ପୁଣି ଆସି ମତେ କୁହ । ନାରଦ ମୁନି ଏହି ପ୍ରଶ୍ନର ଉତ୍ତର ପାଇବାକୁ ବ୍ୟାକୁଳ ଥିଲେ, ଏଣୁ ସେ ତା'ପର ଦିନ ବଡ଼ି ଭୋରରୁ କୃଷକ ଘରେ ପହଞ୍ଚିଲେ । ଦେଖିଲେ ସଙ୍ଗେ ସଙ୍ଗେ କୃଷକ ଜଣକ ବିଛଣା ତ୍ୟାଗ କରିଛି । ପ୍ରଥମେ ସେ ଘରେ ରଖିଥିବା ଗୃହପାଳିତ ପଶୁ ଓ ପକ୍ଷୀଙ୍କୁ ଖାଇବାକୁ ଦେଲା । ଏହାପରେ ନିତ୍ୟକର୍ମ ସାରି ମୁହଁ, ହାତ ଧୋଇ ଶୀଘ୍ର ଶୀଘ୍ର ଭଗବାନଙ୍କ ନାମ ନେଇ ପ୍ରାର୍ଥନା କଲା । ଶୁଖିଲା ରୁଟି ଦୁଇପଟ ଖାଇ କ୍ଷେତକୁ ଚାଲିଗଲା । ସାରା ଦିନ କ୍ଷେତରେ କାମ କରି ସମୟ ସରାଇ ଦେଲା । ସନ୍ଧ୍ୟାରେ ଘରକୁ ଫେରି ଗୃହପାଳିତ ପଶୁଙ୍କୁ ଯଥା ସ୍ଥାନରେ ବାନ୍ଧି ଖାଇବାକୁ ଦେଲା । ହାତଗୋଡ଼ ଧୋଇ ଭଗବାନଙ୍କୁ ଟିକେ ପ୍ରାର୍ଥନା କଲା । ଏହାପରେ ପରିବାର ଲୋକଙ୍କ ସହ ଖାଇପିଇ ଶୋଇଗଲା ।



**ହେମନ୍ତ କୁମାର ସାହୁ**

ଏବେ ନାରଦ ମୁନି କୃଷକଙ୍କର ସବୁ କାର୍ଯ୍ୟ କଳାପ ଦେଖି ଭଗବାନ ବିଷ୍ଣୁଙ୍କ ପାଖକୁ ଫେରିଲେ । ଆଉ କହିଲେ, ଭଗବାନ ଆଜି ଦିନଟା ମୁଁ ସେ କୃଷକ ସହିତ ଥିଲି । ହେଲେ ସେ ଠିକ୍ ଭାବରେ ବି ଟିକେ ଆପଣଙ୍କ ନାମ ନେଉନଥିଲା । ସକାଳୁ ଥରେ ଓ ସନ୍ଧ୍ୟାରେ ଶୀଘ୍ର ଶୀଘ୍ର ଆପଣଙ୍କ ନାମ ନେଉଛି । ହେଲେ ମୁଁ ଦିନ ରାତି ୨୪ ଘଣ୍ଟା ଆପଣଙ୍କ ନାମ ନେଉଛି, ଏହାପରେ ବି ସେ କ'ଣ ଆପଣଙ୍କ ସବୁଠୁ ପ୍ରିୟ ଭକ୍ତ । ଭଗବାନ ବିଷ୍ଣୁ ନାରଦ ମୁନିଙ୍କ କଥା ଶୁଣି କହିଲେ, ଏହି ପ୍ରଶ୍ନର ଉତ୍ତର ତୁମେ ନିଜେ ହିଁ ମତେ ଦେବ । ଭଗବାନ ବିଷ୍ଣୁ ଏକ ଅମୃତ ଭରା ମାଠିଆ ନାରଦ ମୁନିଙ୍କୁ ଧରାଇଲେ । କହିଲେ ଏହି ମାଠିଆ ନେଇ ତୁମେ ତିନି ଭୁବନ ବୁଲି ଆସ । ହେଲେ ଧ୍ୟାନ ରଖିଥିବ ଯେପରି ଏହି ମାଠିଆରୁ ବୁନ୍ଦିଏ ବି ଅମୃତ ତଳେ ପଡ଼ିବ ନାହିଁ । ଭଗବାନ ବିଷ୍ଣୁ ନାରଦଙ୍କୁ ପଚାରିଲେ ଆଚ୍ଛା ନାରଦ ତୁମେ ଏହି ମଧ୍ୟରେ ମୋର ନାମ କେତେଥର ନେଇଛ । ମତେ କେତେ ସ୍ମରଣ କରିଛ । ନାରଦ କହିଲେ ପ୍ରଭୁ ମୋର ତ ସମସ୍ତ ଧ୍ୟାନ ଏହି ଅମୃତ ମାଠିଆ ଉପରେ ଥିଲା । ପୁଣି ଆପଣଙ୍କୁ ଧ୍ୟାନ କେତେବେଳେ କରିଥାନ୍ତି । ଭଗବାନ ବିଷ୍ଣୁ କହିଲେ, ହେ ନାରଦ ଦେଖ ସେ କୃଷକ ତାର ସମସ୍ତ କର୍ମ କରିବା ମଧ୍ୟରେ ମତେ ନିୟମିତ ଭାବରେ ସ୍ମରଣ କରିବାକୁ ଭୁଲୁ ନାହିଁ । ନିୟମିତ ଭାବରେ ସେ ମୋର ନାମ ଧରୁଛି । ଯିଏ ନିଜ କର୍ମ ମଧ୍ୟରେ ମତେ ସ୍ମରଣ କରେ, ମୋର ନାମ ଧରେ ସେ ହିଁ ମୋର ପ୍ରିୟ ଭକ୍ତ । ତୁମେ ତ ଦିନ ରାତି ଖାଲି ବସି ବସି ମୋର ନାମ ଜପ କରୁଛ । ହେଲେ ତୁମକୁ ଯେତେବେଳେ ମୁଁ କିଛି କର୍ମ ଦେଲି, ସେତେବେଳେ ତୁମେ ସେ କର୍ମ ମଧ୍ୟରେ ମତେ ସ୍ମରଣ କରିବାକୁ ସମୟ ପାଇଲ ନାହିଁ । ଏଥର ନାରଦ ତାଙ୍କର ଭୁଲ ବୁଝିପାରିଲେ । ଭଗବାନ ବିଷ୍ଣୁଙ୍କ ପାଦ ତଳେ ପଡ଼ି କହିଲେ 'ପ୍ରଭୁ ଆପଣ ମୋର ଗର୍ବ ଓ ଅହଂକାର ଭାଙ୍ଗିଦେଲେ । ମୁଁ ମୋ ଭୁଲ ବୁଝିପାରିଲି । ଧନ୍ୟ ଆପଣ, ଧନ୍ୟ ଆପଣଙ୍କ ମହିମା ।

## ସ୍ୱାଧୀନତାର ଅମୃତ ମହୋତ୍ସବ

ମନରେ ପ୍ରଶ୍ନ ଆସୁଛି, ଏକ ରାଷ୍ଟ୍ର କେବଳ ଗୋଟିଏ ଦିନ ଅପେକ୍ଷା ମାସ ବ୍ୟାପି ସ୍ୱାଧୀନତା ଉତ୍ସବ ପାଳନ କରିବା ଉଚିତ ନୁହେଁ କି ? ସ୍ୱାଧୀନତା ପ୍ରାପ୍ତି ପାଇଁ ଅନେକ ସଂଗଠନର ଅତୁଳନୀୟ ଅବଦାନ ରହିଛି । ହୁଏତ, ସେମାନେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ, କିନ୍ତୁ ସେମାନଙ୍କ ଲକ୍ଷ୍ୟ ଓ କାର୍ଯ୍ୟ ଥିଲା ଅନନ୍ୟ । ସମଗ୍ର ଦେଶରେ ଅତୀତରେ ଘଟିଥିବା ବହୁ ଆନ୍ଦୋଳନ ଓ ବଳିଦାନକୁ ଉପଯୁକ୍ତ ସମ୍ମାନ ଦେବା ଆମର ନୈତିକ କର୍ତ୍ତବ୍ୟ । ସ୍ୱାଧୀନତା ମାସରେ ଆମେ ସ୍ୱାଧୀନତାର ସପ୍ତାହକୁ ସୁସଙ୍ଗଠିତ କରି ତତ୍ ସହିତ ସ୍ୱାୟତ୍ତ ଶାସନର ବିଭିନ୍ନ ଦୃଷ୍ଟିକୋଣକୁ ସ୍ପଷ୍ଟ ଭାବେ ଦର୍ଶାଇ ଜନସାଧାରଣଙ୍କ ମଧ୍ୟରେ ବୃହତ୍ ରାଜନୈତିକ ସଚେତନତା ସୃଷ୍ଟି କରିବା ଉଚିତ । ବ୍ୟବହାରିକ ଭାବେ, ସ୍ୱାଧୀନତାର ଅର୍ଥ ହେଉଛି, ଔପନିବେଶିକ ପରିଚୟ ବିନା ଦେଶର ସାର୍ବଭୌମ ଗଣତନ୍ତ୍ରକୁ ଯଥୋଚିତ ସମ୍ମାନପୂର୍ବକ ନିଜସ୍ୱ ସଶସ୍ତ୍ର ସେନା, ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟ, ଶକ୍ତି ଓ ଅନ୍ୟାନ୍ୟ ବିଭାଗରେ ସ୍ୱତନ୍ତ୍ରତାକୁ ବଜାୟ ରଖିବା । ଗୋଟିଏ ଦିନରେ ତିନିଘଣ୍ଟା ମଧ୍ୟରେ ସେସବୁକୁ କେବଳ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ କରିବା ପରିବର୍ତ୍ତେ ସେ ସମସ୍ତଙ୍କ ପ୍ରଗତିକୁ ସଠିକ୍ ଅନୁପାଳନ କଲେ ଏହାର ଗୁରୁତ୍ୱ ବଜାୟ ରହିପାରିବ । ସ୍ୱାଧୀନତାର ମାସ ବ୍ୟାପି ଉତ୍ସବ ପାଳନ କରିବା ଦ୍ୱାରା ଏହା ଅଧିକ ସମୃଦ୍ଧ, ସୁଦୀର୍ଘ ଓ ବହୁ ତଥ୍ୟ ସମ୍ବଳିତ ଅନୁଭୂତି ପ୍ରଦାନ କରିବ ।

ଏହା ସ୍ପଷ୍ଟ ଯେ ଔପନିବେଶିକ ଯୁଆଳିରୁ ଆମର ମୁକ୍ତି ଏକ ଭିନ୍ନ ପ୍ରକ୍ରିୟା ରୂପେ ସଂଗଠିତ ହୋଇଛି । ଆମର ଭୌଗୋଳିକ ଓ ପ୍ରାଚୀନ ଐତିହ୍ୟକୁ ଦୃଷ୍ଟିରେ ରଖି ଆମ ସାମ୍ବିଧାନିକ ଆତ୍ମା । ପାଶ୍ଚାତ୍ୟ ଏବଂ ସ୍ୱଦେଶୀ ଢାଞ୍ଚାର ସମାନ ଦୃଷ୍ଟାନ୍ତମୂଳକ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରେ । ବାସ୍ତବରେ, ଆମ ସମ୍ବିଧାନର ଖସଡ଼ା ପ୍ରସ୍ତୁତି ଏକ ମହତ୍ କାର୍ଯ୍ୟ, ଯାହା ବିଷୟରେ ଆମେ ଅଧିକ ସୂଚନା ଦେବା ଆବଶ୍ୟକ । ପ୍ରାରମ୍ଭରୁ, ଭାରତ ଗଣତନ୍ତ୍ରରେ ଏକ ଦୃଢ଼ ଅନ୍ତର୍ଭୂକ୍ତିକରଣ ଆଭିମୁଖ୍ୟ ରହିଆସିଛି । ଜାତୀୟ ତଥା ରାଜ୍ୟ ସ୍ତରରେ କ୍ୟାବିନେଟ୍ ଗୁଡ଼ିକ ଅଣ-ପ୍ରତିନିଧିତ୍ୱ କିମ୍ବା ଦଳିତ ସମ୍ପ୍ରଦାୟର ସଦସ୍ୟ କିମ୍ବା ଅର୍ଥନୈତିକ ଓ ରାଜନୈତିକ ଇଚ୍ଛାଶକ୍ତି ଠାରୁ ବହୁ ଦୂରରେ ଥିବା ସଦସ୍ୟ ପାଇବାକୁ ଚେଷ୍ଟା କରିଛନ୍ତି ।

ସ୍ୱାଧୀନତାର ତିନି ବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ସମ୍ବିଧାନ ଆମକୁ ଏକ ଶୀର୍ଷସ୍ତରରେ ପହଞ୍ଚାଇଛି । ଏଥିରେ ବହୁବଚନତା ଓ ବହୁ ତତ୍ତ୍ୱର ସହଭାଗିତା ଦେଖାଦିଏ । ଏହା ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବାବେଳେ ଏଥିରେ ସ୍ୱାର୍ଥ ପାଇଁ ମଣିଷକୁ ଶୋଷଣ କରିବାର କିଛିଟା ପ୍ରତିବନ୍ଧକ ଅଛି । ରାଷ୍ଟ୍ରଦ୍ୱାରା ପରିଚାଳିତ ବା ଗ୍ରହଣ କରାଯାଇଥିବା କିଛି ଉପଯୋଗୀ ମିଶ୍ର ଅର୍ଥନୀତି, ଏକ ବ୍ୟାପକ ଜନକଲ୍ୟାଣକାରୀ ଦୃଷ୍ଟିକୋଣ, ଏକ ତୃତୀୟ ବିଶ୍ୱର ଆବଶ୍ୟକତା ପାଇଁ ବିକାଶମୂଳକ ଯୋଜନା (ସମ୍ପ୍ରତି ସାଧାରଣରେ ବିମୁଦ୍ରୀକରଣ) – ଏବଂ ସ୍ୱତନ୍ତ୍ର ଭାବେ ଗ୍ରହଣ କରାଯାଇଥିବା 'ମଧ୍ୟମ ପଥ'ର ଅଂଶବିଶେଷ ନୀତି ଆଶ୍ଚର୍ଯ୍ୟଜନକ । ସେଥିରେ ସମସ୍ତଙ୍କ ପାଇଁ ଏକ ବୈଜ୍ଞାନିକ ସ୍ୱଭାବ ଓ ଆଧୁନିକ ଶିକ୍ଷାର ପ୍ରୋତ୍ସାହନର ସୁଯୋଗ ରହିଛି । ଏହା ଅବଶ୍ୟ ଏକ ନୈତିକତାର ଉଦାହରଣ ଯେଉଁଥିରେ ଉଭୟ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ଓ ଆଧ୍ୟାତ୍ମିକତାକୁ ସମାନ୍ତରାଳ ଭାବରେ ଅନୁସରଣ କରାଯାଇଛି ! ତତ୍କାଳୀନ ନେତା ଏବଂ ବିଶେଷଜ୍ଞଗଣ ଏପରି ଏକ ଯୋଜନା ସ୍ଥିର କରିବାକୁ ସହମତ ହୋଇଥିଲେ ଯେପରିକି ଆଗାମୀ ପିଢ଼ି ସେମାନଙ୍କ ବ୍ୟବହାରିକ ଜ୍ଞାନ ଓ ଅଭିଜ୍ଞତା ପାଇଁ ଗର୍ବ କରିପାରିବ । କୌଣସି ନୀତିର ସମାହାର ଏପରି ନୁହେଁ ଯେ ପରବର୍ତ୍ତୀ ଉପଯୋଗକାରୀ ଏହାର ସଠିକ୍ ବିଚାର କରିପାରିବେନି । ତେଣୁ, ଆମେ ବୁଝିବା ଉଚିତ ଯେ ଏପର୍ଯ୍ୟନ୍ତ ଆମେ କରିଥିବା କାର୍ଯ୍ୟ ସଂକୀର୍ଣ୍ଣ ନୁହେଁ; ବରଂ ଦୁର୍ବଳ କାର୍ଯ୍ୟକାରିତା ହିଁ କୌଣସି ଦୋଷତ୍ରୁଟିର ମୁଖ୍ୟ କାରଣ ।

ତେଣୁ, ଏକ ସ୍ମରଣୀୟ ଦିବସ, କେବଳ ଉତ୍ସବ ପାଳନର ମାଧ୍ୟମ ହୋଇପାରେନା, ଏହା ଅବଶ୍ୟ ଆମ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ନୀତି ପ୍ରତି ଏକ ଧନ୍ୟବାଦ, ଏକ ପୁନଃନିଶ୍ଚିତତାର ଅନୁଭବ ଏବଂ ଆମ ପ୍ରତିବଦ୍ଧତାର ନବୀକରଣ ହୋଇପାରେ । ବେଳେବେଳେ ଲାଗୁଛି ଯେ, ଆମର ବର୍ତ୍ତମାନର ଅଧିକାର ଓ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ବେ ଦଶନ୍ଧି ଧରି ଆମ ପୂର୍ବଜମାନେ ଦେଖିଥିବା ସ୍ୱାଧୀନତାର ସ୍ୱପ୍ନକୁ ଆମେ ଭୁଲିଯାଇଛୁ । ସ୍ୱାଧୀନତାର ବିଷୟବସ୍ତୁ ବ୍ୟବହାରିକ ଭାବେ ଆମକୁ ଏକ ପରିବାରର ସଦସ୍ୟ ରୂପେ ପ୍ରତିଫଳିତ ହେବାକୁ ଆଗେଇ ନେଇପାରେ । ତେଣୁ, ଏହାକୁ ଦୃଷ୍ଟିରେ ରଖି ଗାନ୍ଧିଜୀ ଅର୍ଥନୈତିକ ସ୍ୱାଧୀନତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଙ୍କନ କରିଥିଲେ ।

**ହୃଷିକେଶ ପ୍ରଧାନ**

ଅଣ ଔପନିବେଶିକତା ଏକ ସାମ୍ରାଜ୍ୟ ଶକ୍ତି ଦ୍ୱାରା ଭାରତୀୟ ପ୍ରାକୃତିକ ସମ୍ପଦର ଡକାୟତି ବନ୍ଦ କରିଛି । ଏହା ଆମକୁ ଆଧୁନିକ ଯୁଗକୁ ଆଣି ଜନ ପ୍ରତିନିଧିତ୍ୱ ସରକାରର ଅନ୍ତର୍ଭୂକ୍ତ ହୋଇଥିବା ବିକାଶ ପଥରେ ସାମିଲ କରିଛି । ଏହା ଅତୀତର ଶିକୁଳିଗୁଡ଼ିକୁ ଦୋହଲାଇ ଦେଇ ସେ ସମୟରେ ଆମ ସମାଜର ସମସ୍ତ ସ୍ତର ପାଇଁ ଏକ ସମୃଦ୍ଧ ତଥା ପ୍ରଗତିଶୀଳ ଭବିଷ୍ୟତ ଦର୍ଶନର ଶୁଭାରମ୍ଭ କରିଛି । ସମ୍ବିଧାନରେ ପ୍ରଦତ୍ତ 'ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ', ବିବିଧ ଅଭାବରେ ଜୀବନଧାରଣ କରୁଥିବା ବହୁଜନଙ୍କ ଉନ୍ନତି ଆଣିବାର ଗୁରୁଦାୟିତ୍ୱ ବହନ କରିଛି, ସାମ୍ପ୍ରତିକ ପିଢିରେ ଯାହାର ସ୍ଥିତି କୌଣସି ସୁଯୋଗ ଦେଇନାହିଁ ।

ଏକ ସାମାଜିକ ତଥା ଅର୍ଥନୈତିକ ବ୍ୟବଧାନକୁ କେବଳ ଏକ ସକରାତ୍ମକ ସରକାରୀ କାର୍ଯ୍ୟସୂଚୀ ହିଁ ଦୂର କରିପାରିବ । ବେଳେବେଳେ ଆମେ ବ୍ୟାପକ ସମର୍ଥନ ପାଇଁ ଅନେକ ଛୋଟଛୋଟ ଉପାୟରେ ଜାତୀୟ ସ୍ୱାର୍ଥ ଓ ସେବାରେ ନିୟୋଜିତ ହୋଇ ପ୍ରତିକ୍ରିୟା ପ୍ରକାଶ କରୁ । ତେଣୁ, ଏହି ପରିପ୍ରେକ୍ଷୀରେ, ୧୯୬୧ ମସିହାରେ ହ୍ୱାଇଟ୍ ହାଉସର ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି ଜେ.ଏଫ୍. କେନେଡ଼ି କହିଥିଲେ, "ନିଜକୁ ନିଜେ ପଚାର, ତୁମେ ନିଜ ଦେଶ ପାଇଁ କ'ଣ କରିପାରିବ ?" ଏକତିରିଶ ଦିନର ଏହି ସ୍ୱାଧୀନତା ମାସ ଏପରି ପ୍ରଶ୍ନଗୁଡ଼ିକ ପଚାରିବା ପାଇଁ ଓ ସଠିକ୍ ଉତ୍ତର ଆବିଷ୍କାର କରିବାକୁ ପର୍ଯ୍ୟାପ୍ତ ସମୟ ଅବଶ୍ୟ ପ୍ରଦାନ କରିବ । ସ୍ଥଳ ବିଶେଷରେ ଆମ ଗଣତନ୍ତ୍ର ତା'ର ମୂଲ୍ୟବୋଧ ହରାଇ ଜଣତନ୍ତ୍ରରେ ପରିଣତ ହୋଇଛି, ତଥାପି ଆମକୁ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସବୁଠାରୁ ଉତ୍ତମ ଶାସନ ବ୍ୟବସ୍ଥା ବୋଲି ବୁଝିବାକୁ ହେବ । ଖୁସିର କଥା, ଚଳିତ ବର୍ଷ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ବ୍ୟାପକ କରିବାକୁ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଘରେ ଜାତୀୟ ପତାକା ଉଡ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । କିନ୍ତୁ, ମୋ ମତରେ ଏକ ରାଷ୍ଟ୍ର ତା' ସ୍ୱାଧୀନତାର ଉତ୍ସବ କେବଳ ଗୋଟିଏ ଦିବସ ବା ଏହି ତିନିଦିନରେ ସୀମିତ ନରଖି ଏକ ମାସ କାଳ ବ୍ୟାପି ପାଳନ କରିବା ଉଚିତ ।

# ମୁଁ କମ୍ପ୍ରମାଇଜ୍ ନ କରିବାରୁ ଆଜି ମୁଁ ପଛରେ



ବଲିଉଡ୍ ସୁନ୍ଦରୀ ତଥା ନିଜର ବୋଲ୍ଡନେସ୍ ପାଇଁ ପରିଚିତ ମଲ୍ଲିକା ଶେରାୱତ୍ ନିଜ ଅଭିନୟର ଯାଦୁ ପରଦାରେ ଦେଖାଇ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ମଲ୍ଲିକା ଶେରାୱତ, ଯିଏ ଚଳଚ୍ଚିତ୍ରରେ ଅନ୍ତରଙ୍ଗ ଦୃଶ୍ୟ ଦେଇ ବାସ୍ତବ ଜୀବନରେ ଦବଙ୍ଗ ଆଟିଚ୍ୟୁଟ ରଖିବାକୁ ପସନ୍ଦ କରନ୍ତି । ଗତ କିଛି ଦିନ ହେବ ମଲାଇକା ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ନେଇ ଚର୍ଚ୍ଚାରେ ରହି ଆସୁଛନ୍ତି । ଏହି ଅଭିନେତ୍ରୀ କ୍ରମାଗତ ଭାବରେ ବଲିଉଡ ଇଣ୍ଡଷ୍ଟ୍ରୀର କଳା ଗୁମର ଖୋଲିବାରେ ଲାଗିଛନ୍ତି । ଏବେ ପୁଣିଥରେ ସେ ଏମିତି କିଛି କହିଛନ୍ତି ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ମଲ୍ଲିକା ବର୍ତ୍ତମାନ ପୁଣିଥରେ ନୂତନ ସାକ୍ଷାତକାର ଦେଇ ଇଣ୍ଡଷ୍ଟ୍ରିର ଖୋଲା ସତ୍ୟ ବିଷୟରେ ଅବଗତ କରାଇଛନ୍ତି । ଏକ ସାକ୍ଷାତକାରରେ ମଲ୍ଲିକା ଇଣ୍ଡଷ୍ଟ୍ରିରେ ଘଟୁଥିବା କାଷ୍ଟିଂ କାଉଚ୍ ବିଷୟରେ କହିଥିଲେ । ସେ କହିଛନ୍ତି, ଯେତେବେଳେ ସେ ଆପୋଷ ବୁଝାମଣା କରିବାକୁ ମନା କରିଥଲେ, ସେତେବେଳେ ତାଙ୍କ ହାତରୁ ଅନେକ ପ୍ରୋଜେକ୍ଟ ଚାଲିଯାଇଥିଲା । କାରଣ ସେ କମ୍ପ୍ରମାଇଜ କରିନଥିଲେ । ସେଥିପାଇଁ ସେ ବହୁତ ବଡ କ୍ଷତି ସହିଥିଲେ । ସେ କହିଥିଲେ ସବୁ ଏ ଷ୍ଟାର ଅଭିନେତା ତାଙ୍କ ସହ କାମ କରିବାକୁ ମନା କରିଦେଇଥିଲେ । କାରଣ ସେମାନଙ୍କୁ ସେହି ଅଭିନେତ୍ରୀ ପସନ୍ଦ ଥିଲେ ଯେଉଁମାନେ ତାଙ୍କ ଇସାରାରେ ନାଚୁଥିଲେ । କିନ୍ତୁ ମୁଁ ସେମିତି ନୁହେଁ କି ମୋ ପର୍ସନାଲିଟି ବି ସେମିତି ନୁହେଁ । ମଲ୍ଲିକା ଆହୁରି କହିଛନ୍ତି- ମୁଁ କାହାର ଇଚ୍ଛା ଅନୁଯାୟୀ ନିଜକୁ ଚଳାଇ ପାରିବି ନାହିଁ । ଯଦି ଜଣେ ହିରୋ ଆପଣଙ୍କୁ ରାତି ୩ଟାରେ ଡାକନ୍ତି ଏବଂ କୁହନ୍ତି – ମୋ ଘରକୁ ଆସନ୍ତୁ, ତେବେ ଆପଣଙ୍କୁ ଯିବାକୁ ପଡିବ । କାରଣ କ୍ୟାରିୟର ବଢାଇବାକୁ ତାଙ୍କ ସହ କମ୍ପ୍ରମାଇଜ ପଡେ । ଯେହେତୁ ମୁଁ କରିପାରିନଥିଲି, ସେଥିପାଇଁ ମୋ କ୍ୟାରିୟର ଆଗକୁ ବଢିପାରିନଥିଲେ ।

# ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରି ରକ୍ତ ପିଇଥିଲେ ବାଥୋରୀ

୧୬୦୦ ଖ୍ରୀଷ୍ଟାବ୍ଦରେ ଏପରି ଜଣେ ମହିଳା ଥିଲେ, ଯାହାଙ୍କୁ ଦୁନିଆର ସବୁଠାରୁ ମାରାତ୍ମକ ମହିଳା ଭାବରେ ପରିଗଣିତ କରାଯାଇଥିଲା । କାହିଁକି ନା କିଛି ଲୋକ କଥା ଓ କିଛି ପୁସ୍ତକରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ନିଜର ରୂପ ଓ ଯୌବନକୁ ବଜାୟ ରଖିବା ପାଇଁ ମହିଳା ଜଣଙ୍କ ୬୦୦ ରୁ ଅଧିକ ଲୋକଙ୍କୁ ହତ୍ୟା କରିଥିଲେ ଓ ସେମାନଙ୍କ ରକ୍ତ ପିଇଥିଲେ । ଏହି ମହିଳାଙ୍କ ସମ୍ପର୍କରେ ଗିନିଜ ୱାର୍ଲ୍ଡ ରେକର୍ଡରେ ମଧ୍ୟ କିଛି ଆର୍ଟିକିଲ ପ୍ରକାଶ ପାଇଥିଲା । ଡେଲି ଷ୍ଟାର ରିପୋର୍ଟ ଅନୁଯାୟୀ, ହଙ୍ଗେରୀର ଏହି ମହିଳାଙ୍କ ନାମ କାଉଣ୍ଟେସ୍ ଏଲିଜାବେଥ୍ ବାଥୋରୀ । ସେ ୧୫୬୦ ଖ୍ରୀଷ୍ଟାବ୍ଦରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ଲୋଭାସିଆରେ ଥିବା କାଚାଟିସ୍ ଦୁର୍ଗରେ ସେ ସେତେବେଳେ ଏକ ଚମତ୍କାର ଜୀବନ ଅତିବାହିତ କରିଥିଲେ । ମହିଳା ଜଣଙ୍କ ନିଜକୁ 'କାଉଣ୍ଟେସ୍ ଡ୍ରାକୁଲା' ନାମରେ ପରିଚିତ କରାଇଥିଲେ । ଜାଣିଶୁଣି କୃଷକଘରର ଝିଅମାନଙ୍କୁ ସେମାନଙ୍କ ପରିବାରଠାରୁ ଅପହରଣ କରି ଆଣି କାରାଗାରରେ ରଖୁଥିଲା ଏବଂ ପରେ ସେମାନଙ୍କୁ ହତ୍ୟା କରିଦେଉଥିଲା । ବାଥୋରୀର ବର୍ବରତା କେବଳ ହତ୍ୟାରେ ଅଟକି ନଥିଲା । ସେ ପୀଡିତାଙ୍କୁ ନିର୍ଯାତନା ଦେବା ପାଇଁ ନିଷ୍ଠୁର ପଦ୍ଧତି ଆପଣାଉଥିଲା । ସେ ପିନ୍ ଦ୍ୱାରା ଝିଅମାନଙ୍କ ନଖ ଉପାଡ଼ିଦେବା ସହ ସେମାନଙ୍କର ସ୍ତନ, ଆଙ୍ଗୁଠି ଏବଂ ଯୌନାଙ୍ଗ କାଟିବା ପରେ ଝିଅମାନଙ୍କୁ ଥଣ୍ଡା ସ୍ଥାନରେ ଛାଡିଦେଉଥିଲା । ସେ କେବଳ କୃଷକ ଏବଂ ଗରିବ ଝିମାନଙ୍କୁ ନିର୍ଯାତନା ଦେଉନଥିଲା ବରଂ ଧନୀଘରର ଝିଅମାନଙ୍କୁ ମଧ୍ୟ ସମାନ ଢ଼ଙ୍ଗରେ ହତ୍ୟା କରୁଥିଲା । ବାଥୋରୀ ପୀଡିତାଙ୍କୁ ହତ୍ୟା କରିବା ପରେ ସେମାନଙ୍କ ରକ୍ତରେ ସ୍ନାନ କରି ରୁପ ଓ ଯୌବନର ଚମକ ବଢ଼ାଇବା ପାଇଁ ସେହି ରକ୍ତକୁ ପିଉଥିଲା । ବାଥୋରୀ ବିଶ୍ୱାସ କରୁଥିଲା ଯେ ଏହା ତାର ଯୌବନକୁ ଦୀର୍ଘ ବର୍ଷ ବଜାୟ ରଖିବାରେ ସାହାଯ୍ୟ କରିବ । ବାଥୋରୀ ବହୁତ ଧନୀ ଥିଲା । ଏଭଳି ପରିସ୍ଥିତିରେ ତାଙ୍କ ଇଚ୍ଛା ବିନା କେହି ତା ନିକଟକୁ ଯାଇପାରୁନଥିଲେ । ବାରମ୍ବାର ଏଭଳି ହତ୍ୟା ଘଟିଚାଲିବା ପରେ ଏହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା । ୧୫୯୦ ରୁ ୧୬୧୦ ମଧ୍ୟରେ ଅନେକ ହତ୍ୟା କରିଥିଲା । ପରିଶେଷରେ, ଡିସେମ୍ବର ୧୬୧୦ରେ ଚାରିଜଣ ସେବକଙ୍କ ସହିତ କାଉଣ୍ଟେସ୍ ଡ୍ରାକୁଲା ଓରଫ୍ ବାଥୋରୀକୁ ଗିରଫ କରାଯାଇଥିଲା । ବାଥୋରୀ ବିରୁଦ୍ଧରେ ୮୦ ଜଣ ଝିଅଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । କିନ୍ତୁ କାଉଣ୍ଟେସର ଡାଏରୀ ଦେଖିଥିବା ଜଣେ ସାକ୍ଷୀ କହିଥିଲେ ଯେ ହତ୍ୟାର ସଂଖ୍ୟା ପ୍ରକୃତରେ ୮୦ ନୁହେଁ ବରଂ ୬୫୦ ଥିଲା । ଏହା ପରେ କାଉଣ୍ଟେସକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ଏବଂ ୧୬୧୪ ଖ୍ରୀଷ୍ଟାବ୍ଦରେ ୫୪ ବର୍ଷ ବୟସରେ ବାଥୋରୀର ମୃତ୍ୟୁ ହୋଇଥିଲା ।



# ସୂର୍ଯ୍ୟାଲୋକ ବଢ଼ାଏ ପୁରୁଷଙ୍କ ଭୋକ



ମଣିଷ ଉପରେ ସୂର୍ଯ୍ୟାଲୋକର ଏକ ଅଜଣା ପ୍ରଭାବ ସମ୍ପର୍କରେ ଗବେଷଣାରୁ ଜଣାପଡ଼ିଛି । ସୂର୍ଯ୍ୟାଲୋକ ଆମ ଶରୀରରେ ଭିଟାମିନ୍ 'ଡି' ସୃଷ୍ଟି କରେ ବୋଲି ଆମେ ଆଗରୁ ଜାଣିଛନ୍ତି । ତେବେ ଏହା ବିଶେଷ କରି ପୁରୁଷମାନଙ୍କଠାରେ କ୍ଷୁଧା ଉଦ୍ରେକ କରୁଥିବା ଏକ ପ୍ରକାର ହରମୋନ କ୍ଷରଣରେ ସହାୟକ ହୋଇଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାଯାଇଛି । ସେଥିପାଇଁ କିଛି ସମୟ ଖରାରେ ଚଲାବୁଲା କଲେ ଭୋକ ଲାଗିଥାଏ ବୋଲି ସ୍ପଷ୍ଟ ହୋଇଛି । ତେଲ୍ ଆବିଭ୍ ବିଶ୍ୱବିଦ୍ୟାଳୟ ଭେଷଜ ବିଭାଗର କିଛି ଗବେଷକ ସୂର୍ଯ୍ୟାଲୋକରେ ଥିବା ଅତିବାଇଗଣୀ ରଶ୍ମିର ମନୁଷ୍ୟ ଶରୀରରେ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିବା ଅବସରରେ ଏପରି ନିର୍ଯାସରେ ଉପନୀତ ହୋଇଛନ୍ତି । ଏହି ଅତିବାଇଗଣୀ ରଶ୍ମି ପ୍ରତି ପୁରୁଷ ଓ ମହିଳାଙ୍କ ଶରୀର ସଂପୂର୍ଣ୍ଣ ଭିନ୍ନ ଭାବରେ ପ୍ରତିକ୍ରିୟା ପ୍ରଦର୍ଶନ କରୁଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ତେବେ ପୁରୁଷମାନଙ୍କ ପାକସ୍ଥଳୀରେ ଝରୁଥିବା ଘ୍ରେଲିନ୍ ନାମକ ହରମୋନ୍ କ୍ଷରଣକୁ ଏହା ତ୍ୱରାନ୍ୱିତ କରିଥାଏ । ଅଧିକ ସମୟ ଖରାରେ ରହିଲେ ଚର୍ମକୋଷରେ ରହିଥିବା ଡିଏନ୍ଏ ନଷ୍ଟ ହୋଇ ଘ୍ରେଲିନ୍ କ୍ଷରଣକୁ ସୁଗମ କରିଥାଏ । ଏହି ଘ୍ରେଲିନ୍ ହିଁ ପୁରୁଷ ମନରେ କ୍ଷୁଧାଭାବ ଜାଗ୍ରତ କରିଥାଏ ଏବଂ ସେହି ଭୋକପ୍ରବଣତା ସେମାନଙ୍କୁ ଅଧିକ ଖାଦ୍ୟ ଗ୍ରହଣ ସହ ଓଜନବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଗବେଷକମାନେ ନିଶ୍ଚିତ ହୋଇଛନ୍ତି । ଏହି କାରଣରୁ ଗ୍ରୀଷ୍ମଦିନେ ପୁରୁଷମାନେ ଅଧିକ ଆହାର ଗ୍ରହଣ କରିବା ସହ ଦୈନିକ ପ୍ରାୟ ୩୦୦ କ୍ୟାଲୋରି ଅଧିକ ଉପଯୋଗ କରନ୍ତି ବୋଲି ଜଣାପଡ଼ିଛି । ଅପରପକ୍ଷେ, ମହିଳାଙ୍କ ଶରୀରରେ ଥିବା ଇଷ୍ଟ୍ରୋଜେନ୍ ହରମୋନ୍ ଏହି ପ୍ରକ୍ରିୟାର ପ୍ରତିବନ୍ଧକ ସାଜିଥାଏ । ତିନି ହଜାର ସ୍ୱେଚ୍ଛାସେବୀଙ୍କୁ ନେଇ ଦୀର୍ଘ ତିନି ବର୍ଷ ଧରି ଏକ ଅନୁଧ୍ୟାନ ଚାଲିବା ପରେ ଏହି ନିଷ୍କର୍ଷ ମିଳିପାରିଛି ।

# ପରିବର୍ତ୍ତନକାରୀ ବସ୍



ଜାପାନ୍‌ରେ ଏକ ବସ୍ ଉନ୍ମୋଚିତ ହୋଇଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି । କାରଣ ଏହି ବସ୍ ରାସ୍ତାରେ ତ ଚାଲିପାରେ ତା'ସହ ରେଳ ଟ୍ରାକ୍ ଉପରେ ଟ୍ରେନ୍ ପରି ମଧ୍ୟ ଚାଲିପାରେ । ଜାପାନ୍ କାଇଓରେ ଏହି ବସ୍-ଟ୍ରେନ୍‌ର ହାଇବ୍ରିଡ୍ ପ୍ରଦର୍ଶିତ ହୋଇଥିଲା । ନିଜର ରବର ଟାୟର ସହାୟତାରେ ରାସ୍ତା ଉପରେ ଚାଲିପାରିବା ସହ ଏଥିରେ ଥିବା ଟ୍ରେନ୍ ମୋଡ୍‌କୁ ଗଲେ ଲୁହାର ଚକ ଆପେ ଆପେ ବାହାରିଆସେ ଓ ରବର ଚକ ଉପରକୁ ଉଠିଯାଏ । ଫଳରେ ଏହା ରେଳ ଟ୍ରାକ୍‌ରେ ବି ଚାଲିପାରେ । ଏହି ବସଟି ତା'ର ପରିବର୍ତ୍ତନ ପାଇଁ ମାତ୍ର ୫ସେକେଣ୍ଡ ସମୟ ନେଇଥାଏ । ଏହା ଡିଜେଲ୍‌ରେ ଚାଲିବ ଓ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେବ । ଏକାଥରେ ୨୧ ଜଣ ଯାତ୍ରୀଙ୍କୁ ନେଇ ଘଣ୍ଟା ପ୍ରତି ୬୦ କି.ମି ବେଗରେ ଏହି ଗାଡ଼ିଟି ଯାଇଥାଏ । ଏହି ବସ୍ ଚାଲିବା ଫଳରେ ଲୋକଙ୍କ ଅନେକ ସମସ୍ୟା ଦୂର ହେବ ବୋଲି କମ୍ପାନୀ ଆଶା କରିଛି ।

# ପୁଣି ଏକାଠି ହେବେ କଙ୍ଗନା ଓ ମଧୁର ଭଣ୍ଡାରକର

ବଲିଉଡ୍ କୁଇନ୍ ପଦ୍ମଶ୍ରୀ କଙ୍ଗନା ରଣାୱତଙ୍କ ନିକଟରେ ଗୋଟିଏ ପରେ ଗୋଟିଏ ସିନେମା ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନରୁ ବାଦ୍ ପଡିଥିଲା । କିନ୍ତୁ ନିଜ ପ୍ରଚେଷ୍ଟାରେ ସିନେମାର ଆଗଧାଡ଼ିର ନାୟିକା ଭାବେ ଗଢ଼ି ତୋଳିଛନ୍ତି । ସେଇଥିପାଇଁ ତ ଆଗକୁ ତାଙ୍କର ବଡ ସିନେମା ପରଦାକୁ ଆସିବାକୁ ଯାଉଛି । ତାଙ୍କର ବହୁ ଚର୍ଚ୍ଚିତ ଫିଲ୍ମ ଏମରଜେନ୍ସିର ଫାଷ୍ଟ ଲୁକ୍‌ଠାରୁ ଆରମ୍ଭକରି ଟିଜର ପର୍ଯ୍ୟନ୍ତ ସବୁକିଛି ଦର୍ଶକଙ୍କ ମନ ମୋହିଛି । ଅନେକ ଲୋକ କହୁଛନ୍ତି ଏହି ଚରିତ୍ର ପାଇଁ କଙ୍ଗନା ପର୍ଫେକ୍ଟ ଚଏସ୍ । ଏଥିରେ ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ନଜର ଆସିବେ । ତା ସହିତ ବି ଅନେକ ସିନେମା ଲାଇନ୍‌ରେ ଅଛି । ସେଥିରେ ଚାରଚାନ୍ଦ୍ ଲଗାଇବା ପାଇଁ ଏବେ ସେ ଏକାଠି ହୋଇଛନ୍ତି ମଧୁର୍ ଭଣ୍ଡାରକରଙ୍କ ସାଙ୍ଗେ । ଫ୍ୟାସନ୍ ଫିଲ୍ମରେ କଙ୍ଗନା ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶନାରେ କାମ କରିଥିଲେ । ଏହା ତାଙ୍କ କ୍ୟାରିୟରରେ ଟର୍ଣ୍ଣିଂ ପଏଣ୍ଟ ଆଣିଦେଇଥିଲା । ଏବେ ଅତି ଶୀଘ୍ର ସେ ମଧୁରଙ୍କର ଆଗାମୀ ଫିଲ୍ମରେ ନଜର ଆସିବେ ବୋଲି ଖବର ମିଳୁଛି । ଏହି ସିନେମାଟି କାଶ୍ମୀରୀ ସିଙ୍ଗରଙ୍କ ଉପରେ ଟେରିରିଷ୍ଟ ଆକ୍ରମଣ ଓ ହତ୍ୟାକାଣ୍ଡ ଉପରେ ଆଧାରିତ । ନ୍ୟାସ୍‌ନାଲ୍ ଆୱାର୍ଡ ପ୍ରାପ୍ତ ନିର୍ଦ୍ଦେଶକ ମଧୁର୍ ଭଣ୍ଡାରକର ୪ଟି ନ୍ୟାସ୍‌ନାଲ୍ ଆୱାର୍ଡ ପାଇଥିବା ଅଭିନେତ୍ରୀ ପଦ୍ମଶ୍ରୀ କଙ୍ଗନା ରଣାୱତ୍‌ଙ୍କୁ ନିଜର ଏହି ସିନେମାରେ କାଷ୍ଟ କରିବାକୁ ମନବଳାଇ ସାରିଥିବା ଶୁଣିବାକୁ ମିଳୁଛି । ରିପୋର୍ଟ ଅନୁଯାୟୀ ମଧୁର୍ ଆଉ ଏକ ନାରୀ କୈନ୍ଦ୍ରିକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି । ନିଜ ଫିଲ୍ମ ବବ୍ଲି ବାଉନ୍ସରା ରିଲିଜ୍ ପରେ ସେ ଏହି ଫିଲ୍ମରେ କାମ କରିବେ । କଙ୍ଗନାଙ୍କ ସାଙ୍ଗେ ନିର୍ମାଣ ହେବାକୁଥିବା ତାଙ୍କ ଏହି ଫିଲ୍ମଟି, ଏକ କାଶ୍ମୀରୀ ସିଙ୍ଗରଙ୍କୁ ଟେରିରିଷ୍ଟମାନେ ମର୍ଡର କରିଦେଇଥିବା ସତ୍ୟ ଘଟଣା ଉପରେ ଆଧାରିତ ।



# ଝାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନ କଲେ ବିଡିଓ ଏବଂ ସ୍ୱାସ୍ଥ୍ୟ ଅଧିକାରୀ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପୁଜାରିଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିପର୍ଦ ଗ୍ରାମରେ ଏକ ସପ୍ତାହ ହେଲା ଝାଡ଼ାବାନ୍ତି ଥମିବାର ନା ଧରୁନି ।ଗ୍ରାମର ମକୁନ୍ଦ ସାନ୍ତାଙ୍କୁ ପ୍ରଥମ ଆକ୍ରାନ୍ତ ହୋଇଥିବା ବେଳେ ପ୍ରତିଦିନ ଦୁଇ ରୁ ଅଧିକ ରୋଗୀ ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ନାମ ପଞ୍ଜିକରଣ କରାଯାଉଥିବା ଜଣାପଡ଼ିଛି । ଗୋଟିଏ ପରେ ଗୋଟିଏ ରୋଗୀ ଗ୍ରାମରୁ ବାହାରୁ ଥିବାରୁ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କ ନିଦ ଉଭାନ ହୋଇଯାଇଛି । ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା ସାମଲାଇ ପ୍ରସାଦ ପଣ୍ଡା ତାଙ୍କ ଟିମ୍ ସହିତ ଆକ୍ରାନ୍ତ ଗ୍ରାମକୁ ପରିଦର୍ଶନ କରି ଫେଇଛନ୍ତି । ଗ୍ରାମରେ ଏକ ସ୍ୱାସ୍ଥ୍ୟ ଟିମ୍ ସଜାଗ ହୋଇ ରହିଛନ୍ତି । ଡ୍ରେନ ନାଳ ଗୁଡ଼ିକରେ ବିଭାଗ ତରଫରୁ ଡିଡିଟି ଚିଞ୍ଚନ କରାଯାଇଛି । ଅଙ୍ଗନ୍ ବାଡ଼ି କର୍ମୀ ଆସା ଦିଦିଙ୍କୁ ନେଇ ଘରେ ଘରେ ସଚେତନତା କରା ଯାଉଛି । ହେଲେ ମଧ୍ୟ ଗ୍ରାମରେ ଅପରିଷ୍କାର ପରିବେଶ ଦେଖିବାକୁ ମିଳୁଛି । ଗତକାଲି ପୁଜାରିଗୁଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ଗ୍ରାମକୁ ଗସ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ । ଗୋଷ୍ଠି ଉନ୍ନୟନ ଅଧିକାରୀ ଦୂର୍ଯ୍ୟଧନ ଭୋଇ ସଂପୃକ୍ତ ଗ୍ରାମରେ ଯାଇ ପରିବେଶ ଉପରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେବା ସହିତ ନଳ କୁପ୍ର ପାଣି ହାତରେ ମୁଦାଏ ଧରିଥିଲେ ଓ ଏହାର ମାନ ନିରୀକ୍ଷଣ କରିଥିଲେ । ଗ୍ରାମବାସୀଙ୍କ ଠାରୁ ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବାରୁ ଶୁଣିବାକୁ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ ।ଅପରପକ୍ଷେ ପୂଜାରୀଗୁଡ଼ା ସରପଞ୍ଚ ପୂର୍ବତନ ସରପଞ୍ଚ କୁମର ପୁଜାରୀ ମନ ସାନ୍ତା ଓ ଯୁବ ଗୋଷ୍ଠିଙ୍କ ନେତୃତ୍ୱରେ ଗ୍ରାମରେ ଅନାବନା ଡ୍ରେନ ନାଳ ଅପରିଷ୍କାର ହୋଇ ପଡ଼ି ରହିଥିବା ଦେଖି, ଅଳିଆ ଗୁଡ଼ିକ ହୋଟାଇବାକୁ ସଫେଇ ଆରମ୍ଭ କରି ଦେଉଛନ୍ତି । ଏମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ଅଙ୍ଗନବାଡି ଓ ଆସା ଦିଦି ।ଦିନକୁ ଦିନ ରୋଗୀ ସଂଖ୍ୟା ଦୁଇ ରୁ ଚାରୀ ବୃଦ୍ଧି ପାଉଥିବାରୁ ତୁରନ୍ତ ଜିଲ୍ଲା ସ୍ତରୀୟ ଏକ ସ୍ୱାସ୍ଥ୍ୟ ଟିମ୍ ଆସି ଚିକିତ୍ସା କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା କାଳୀ ପ୍ରସାଦ ବେହେରାଙ୍କ ସହିତ ଯୋଗା ଯୋଗ କରିବାରୁ ଚାରି ଦିନ ହେଲା ଏକ ମେଡ଼ିକାଲ ଟିମ୍ ଗ୍ରାମରେ ରାତିଦିନ ରହି ଚିକିତ୍ସା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ପୁଣି ଆବଶ୍ୟକ ପଡେ ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ବିଜେପୁର ମହାବିଦ୍ୟାଳୟରେ କବିତା ପାଠୋତ୍ସବ ଅନୁଷ୍ଠିତ




ବରଗଡ : ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ୱରଚିତ ଦେଶାବୋଧକ କବିତା ପାଠୋତ୍ସବ ବିଜେପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଜେପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏ କବିତା ପାଠୋତ୍ସବ ରେ ମୁଖ୍ୟଅତିଥି ଭାବେ ପ୍ରଧାପକ ରେବନ୍ତ କୁମାର ମେହେର ଯୋଗଦାନ କରିଥିଲେ । ଉକ୍ତ ସମାରୋହରେ ଅଧାପକ ସରୋଜ କୁମାର ପାଣିଗ୍ରାହୀ ଯୋଗଦାନ କରି କବିତା ଗୁଡ଼ିକର ସମୀକ୍ଷା କରିଥିଲେ । ଅଧାପକ ଦିନେଶ ଅଗ୍ରୱାଲ ଦେଶାବୋଧକ କବିତା ଗୁଡ଼ିକର ସଂଯୋଜନା କରିଥିଲେ । ଆଶୁତୋଷ ମହାପାତ୍ର, ହରିଲାଲ ସାହୁ, ଇଶ୍ୱର ମେହେର, ଦେବାଶିଷ ମେହେର, ରାମ ପ୍ରସାଦ ବାଗ, ରାଜେଶ୍ୱର ବେହେରା, ମହେନ୍ଦ୍ର ପ୍ରଧାନ, ଅମୁଲ୍ୟନିଧି ପ୍ରଧାନ, ପୂଜା ମେହେର, ପୂଜା ଷାଣ୍ଢ, ଅଲିଭା ମେହେର, ପ୍ରୀୟଙ୍କା ପାତ୍ର, ରବି ବାରିକ, ପୁଷ୍ପତା ସାହୁ, ଅନନ୍ୟା ଅନିଷା ଦେବତା, ପ୍ରମୁଖ କବି ସ୍ୱରଚିତ ଦେଶାବୋଧକ କବିତା ପାଠ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଳାକାର ଜିତେନ୍ଦ୍ର ମେହେର ଓ ସମାଜସେବୀ ଆକାଶ ମେହେର ଉପସ୍ଥିତ ଥିଲେ । ପରିଶେଷରେ ଅଧାପକ ଓ ସଂବାହକ ଚିନ୍ମୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରୀଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର : ସାଇଣ୍ଟିଫିକ ଦଳର ତଦନ୍ତ

ଗୋଳାମୁଣ୍ଡା, : କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ଥାନା ଅନ୍ତର୍ଗତ ଘୋଟିଆ ଗାଁ ପାଖରେ ଥିବା ଏକ ଜଙ୍ଗଲରେ ଏକ ଛାତ୍ରୀଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଛାତ୍ରୀ ଜଣଜ ହେଉଛି ଘୋଟିଆଗାଁର ବିଭେ ନିଆଲଙ୍କ ଝିଅ କନକ ନିଆଲ (୧୪) । ସେ ଚିଟିଆ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶେଣୀର ଛାତ୍ର । ମଙ୍ଗଳ ବାର ଦିନ ଖାଇ ଛୁଟି ସମୟରେ ସେ ବାହାରକୁ ଚାଲିଯାଇଥିଲେ ଆଉ ଘରକୁ ଫେରି ନ ଥିଲେ । ଝିଅ ଘରକୁ ଫେରି ନ ଥିବା ନେଇ ତାର ପିତାମାତା ବହୁ ଖୋଜାଖୋଜି କଲେ ହେଲେ ପାଇ ନ ଥିଲେ । ଗାଁ ପାଖରେ ଥିବା ଜଙ୍ଗଲର ଏକ ଗଛ ଶାଖାରେ ନିଜ ଓଢଣୀ ଫାସରେ ଝୁଲନ୍ତା ଅବସ୍ଥାରେ ଲୋକେ ଦେଖି ଝିଅର ବାପା ମାଙ୍କୁ ଖବର ଦେବାପରେ ଘଟଣା ସ୍ଥଳରେ ପରିବାର ଲୋକେ ପହ ଯାଇଥିଲେ । ଝିଅର ପିତାମାତା ହତ୍ୟା କରାଯାଇଛି ବୋଲି ଗୋଳାମୁଣ୍ଡା ଥାନାରେ ଏକ ଲିଖିତ କରିଥିଲେ । ଗୋଳାମୁଣ୍ଡା ପୋଲିସ ଆଇଆଇସି ଯୁଗଳ ଶବର ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଘଟଣା ସ୍ଥଳରେ ପହ ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ ଜାରି ରଖିଛି । ଏପଟେ କଳାହାଣ୍ଡି ଜିଲ୍ଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ ଅନେକ କଂଗ୍ରେସ ଓଗୋଳାମୁଣ୍ଡା ବ୍ଲକ ଡମ୍ଭ ସମାଜ ସଭାପତିରାମକୁମାର ସେନାପତି, ଭୁବନେ ନିଆଲ, ଭୁବନେ ସୁନାନୀ ସହ ଅନେକ ଲୋକ ଘୋଟିଆ ରାଜରାସ୍ତାରେ ଶବଟିକୁ ରଖି ଧାରଣାରେ ବସିଛନ୍ତି । ହତ୍ୟା ଘଟଣାରେ ତିନି ଜଣ ଯୁବକ ଓ ବାଳିକା ବିଦ୍ୟାଳୟ ର ଜଣେ ଶିକ୍ଷକ ସାମିଲ ଅଛନ୍ତି ବୋଲି ଧାରଣାରେ ବସିଥିବା ସମସ୍ତ ଜନସାଧାରଣ କହୁଥିବା ବେଳେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରା ନ ଗଲେ ଭୟାନକ ଆନ୍ଦୋଳନ ହେବ ବୋଲି ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ ଓ ରାମକୁମାର ସେନାପତି ପ୍ରମୁଖ ପୋଲିସକୁ ଚେତାବନୀ ଦେଇଛନ୍ତି ।

# ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଯୋଗୁଁ ହେମଗିର ବ୍ଲକରେ ବ୍ୟାପକ ଫସଲ ନଷ୍ଟ



ହେମଗିର : ଗତ କିଛିଦିନ ଧରି ଲଘୁଚାପ ଯୋଗୁଁ ପ୍ରବଳ ବର୍ଷାରେ ରାଜ୍ୟରେ ସର୍ବାଧିକ ବୃଷ୍ଟିପାତ ରେକର୍ଡ କରାଯାଇଥିବା ସୁନ୍ଦରଗଡ ଜିଲ୍ଲା ଅନ୍ତର୍ଗତ ହେମଗିର ବ୍ଲକର ସମସ୍ତ ପଞ୍ଚାୟତରେ ଜନଜୀବ ଅସ୍ତବ୍ୟସ୍ତ ସହିତ ଚଳିତ ଖରିଫ ଚାଷରେ ବ୍ୟାପକ କ୍ଷୟକ୍ଷତି ଦେଖିବାକୁ ମିଳିଛି । ପ୍ରବଳ ବର୍ଷା ଯୋଗୁଁ ବିଶେଷ କରି ଏହି ବ୍ଲକରେ ଧାନ କ୍ଷେତ ହିଡ ଗୁଡିକ ଧୋଇ ଯାଇ ଧାନ କ୍ଷେତ ରେ ବାଲିଚର ହୋଇ ବ୍ୟାପକ କ୍ଷୟକ୍ଷତି ଦ୍ୱାରା ଅଞ୍ଚଳର ଚାଷୀକୁଳଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବର୍ତ୍ତମାନ ହିଡ ମରାମତି ପାଇଁ ଏହି ଚାଷୀମାନେ ଖର୍ଚ୍ଚାନ୍ତ ହେବା ସହ ଜମି ମରାମତି ସହିତ ଫସଲ ଅମଳରେ ମଧ୍ୟ ପ୍ରତିକୂଳ ପ୍ରଭାବକୁ ନେଇ ଚିନ୍ତାରେ ଚାଷୀ ମାନେ ଥିବା ଦେଖିବାକୁ ମିଳିଛି । ଏହି ସମସ୍ୟାର ପ୍ରଶାସନିକ ସ୍ତରରେ ସର୍ଜମିନ ତଦନ୍ତ କରାଯିବା ସହିତ ଉଚିତ କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି ।

# ଭିଜିଲାନ୍ସ ଦ୍ୱାରା ପରିଚାଳନା ନିର୍ଦ୍ଦେଶକ ଗିରଫ

ଜୟପୁର : ବନ୍ଧୁଗାଁ ବ୍ଲକ୍ ଅନ୍ତର୍ଗତ ଆଲମୋଣ୍ଡା ଅଞ୍ଚଳସ୍ଥିତର ପରିଚାଳନା ନିର୍ଦ୍ଦେଶକ, ଆରରାମ କୃଷ୍ଣ ଭିଜିଲାନ୍ସ ଜାଲରେ ପଡିଥିବା ସୂଚନା ମିଳିଛି । ଜଣେ ଧାନ ଚାଷୀଙ୍କ ଠାରୁ ୩୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ ଏବଂ ଗ୍ରହଣ କରିଥିଲେ । ଗତ କ୍ରୟ ଋତୁରେ ତାଙ୍କଠାରୁ ଧାନ କ୍ରୟ କରାଯାଇଥିଲା, ଆଗାମୀ ଖରିଫ ଋତୁରେ ଧାନ ବିକ୍ରୟ କରିବାକୁ ତାଙ୍କୁ ମଣ୍ଡିରେ ପଞ୍ଜୀକୃତ ନକରିବାକୁ ଧମକ ଦେଇଥିଲେ



। ଲାଞ୍ଚ ଟଙ୍କା ଅଭିଯୁକ୍ତଙ୍କ ନିକଟରୁ ଉଦ୍ଧାର କରାଯାଇଛି । ଏ ନେଇ କୋରାପୁଟ ଭିଜିଲାନ୍ସ କେସ୍ ନମ୍ବର ୨୭/୨୦୨୨ ରେ ଏକ ରେଜିଷ୍ଟ୍ରେସନ୍ ହୋଇଛି ।ଅଧିକ ଅନୁସନ୍ଧାନ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ପ୍ରକାଶ କରାଯାଇଛି । ଭିଜିଲାନ୍ସ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା, : ଦେଶ ତା'ର ୭୫ବର୍ଷ ପୂର୍ତ୍ତି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସମଗ୍ର ଓଡିଶାର ୨୫ଟି ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲାରେ ୫ଟି କରି ମୋଟ ୧୨୫ଟି ସ୍ଥାନରେ କବିତା ପାଠୋତ୍ସବ ସ୍ୱାଧୀନତା ଦିବସରେ ଆୟୋଜନ କରିଥିଲା । ପ୍ରାୟ ୨୫ଶହ କବି ତାଙ୍କର ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ । ଏହି କ୍ରମରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଭା ଗୃହରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ଡଃ. ବାସୁଦେବ ଦାସ ଓ କବି ନିରାକର ଦାସ ଯୋଗଦେଇ ଆମ ସ୍ୱାଧୀନତାରେ ଆମ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି କବି ଭାବେ ବୃନ୍ଦାବନ ଦାସ, ଅକ୍ଷୟ ନାୟକ, ଡଃ. ଶ୍ରୀଧର ସାମଲ, ମନୋରଞ୍ଜନ ସାହୁ, ରଞ୍ଜନ ବାଇ, ଡା. ବି. କେ. ପ୍ରଶାନ୍ତ କୁମାର, କବିତା ମୁଦୁଲି, ସୁନନ୍ଦା ପ୍ରଧାନ, ବୀଣାପାଣି ଚୌଧୁରୀ, ନୃସିଂହ ତରାଇ, ବିମଳ ପ୍ରସାଦ ପରିଡା, ପୁଷ୍ପାଞ୍ଜଳି ପଣ୍ଡା, ମନ୍ମଥ ବରାଳ, ହରିହର ବେହେରା, ମାମା ସ୍ୱାଇଁ, ସମର୍ପିକା ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କେନ୍ଦ୍ରାପଡା କଲେଜର ଅଧ୍ୟାପକ ରଞ୍ଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । କବି ନବଜ୍ୟୋତି ରାୟ କବିତା ସଂଯୋଜନା କରିଥିଲେ । ଏହି ସଭାକୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ମନୀଷାକାନ୍ତି ଜେନା, ଅଧ୍ୟାପିକା ସସ୍ମିତା ଅଧିକାରୀ ଓ ଅଧ୍ୟାପକ ପ୍ରମୋଦ ବେହେରା ସଂଚାଳନା କରିଥିଲେ । ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର, ସାନ୍ତସାହିର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗାନ କରିଥିଲେ । ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଏଥିରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ, ସ୍ଥିତି ଅନୁଧ୍ୟାନ ପାଇଁ ପହଞ୍ଚିଲେନି ଅଧିକାରୀ



ନବରଙ୍ଗପୁର: ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କାମତା ଗ୍ରାମ ପଞ୍ଚାୟତରେ ଗତ ଲଗାଣ ବର୍ଷାରେ ମାଟି ଘର ଟିଣ ଘର ସବୁ ଭାଙ୍ଗି ଯାଇଛି । କାମତା ଠାରୁ ପାପଡାହାଣ୍ଡି ବ୍ଲକ୍ ମଧ୍ୟରେ କାମତା ପୋଲ ସଂପୂର୍ଣ ବିପଦ ପୁର୍ଣ୍ଣ ହୋଇରହିଛି । ସେହିଭଳି କାମତା ଠାରୁ କଂଗରା ଗ୍ରାମ ପଞ୍ଚାୟତ ମଧ୍ୟରେ ଥିବା ଦୁଃଖୁଗୁଡ଼ା ପୋଲ ଭାଙ୍ଗି ଦୁଇଫାଳ ହୋଇ ଯାଇଛି, ଯାହା ଫୋନ ରେ ଯୋଗା ଯୋଗା ସମ୍ଭବ ପର ହୋଇପାରିନାହିଁ । କାମତା ମୂଳିଆ ସାହି ମଧ୍ୟରେ କାଦୁଅରେ ସାହି ରାସ୍ତା ପୂର୍ଣ୍ଣ ହୋଇ ରହିଛି । ଗତବର୍ଷ ଏହି ସାହି ରାସ୍ତା ନିର୍ମାଣ ପାଇଁ ଅନେକ ନେତା ସରକାରୀ ବାବୁ ପମ୍ପା ପ୍ରତିଶୃତି ଦେଇ ସାହି ବାସୀଙ୍କୁ ବୋକା ବୋନାଇ ଥିଲେ । ଲଗାଣ ବର୍ଷା ରେ ଗ୍ରାମ ର ରଞ୍ଜିତ ସୁନା, ଟଙ୍କଧର ହରିଜନ, ହରି ସୁନା, ଖଗପତି ଭତ୍ରା, ନୀଳ ସଗରୀଆ, ଦୟାଦାନ ନାଗ, ରାଜୁ ବାଘ, ଜମ୍ପି ନାୟକ ବୁଲୁ ଛାତି, ଡୁମ୍ବର କୋର୍କରା, କାମତା ସରପଞ୍ଚ ପ୍ରତ୍ୟକ ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରି ବ୍ଲକ୍ ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି ସେହିଭଳୀ ଅଞ୍ଚଳଗୁମ୍ପା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାର୍ମିମୁଣ୍ଡା ଗ୍ରାମ ବଡେଶ କର୍କରା ମାଟି ଘର ସଂପୂର୍ଣ୍ଣ ଭାଙ୍ଗି ଯାଇଛି । ସେହିଭଳି ଝରିଗୁମା ଲାମତାଗୁଡ଼ା, ମଞ୍ଚାଗାଁ ଦିଗୀ ଗ୍ରାମ ପଞ୍ଚାୟତ ବି ବର୍ଷାରେ ଘର ଭାଙ୍ଗି ଥିବା ସୂଚନା ମିଳିଛି । ହେଲେ ରାଜସ୍ୱ ବିଭାଗୀୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେଲେ ବ୍ଲକ୍ ର କେତେ ଘର ଭାଙ୍ଗି ଯାଇଛି ଜଣା ପଡିବ । ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୪୪ଘର ଭାଙ୍ଗି ଯାଇଥିବା ସୂଚନା ମିଳିଛି ।ହେଲେ କିନ୍ତୁ ଏହାର ସଂଖ୍ୟା ଢ଼େ ବଢିବ ବୋଲିଁ ଅଞ୍ଚଳବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି ।

# ବେଞ୍ଚମାର୍କ କ୍ଲାସେସ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର : ବେଞ୍ଚମାର୍କ କ୍ଲାସେସ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପତାକା ଉତ୍ତୋଳନ କରିଥିଲେ ବେଞ୍ଚମାର୍କ କ୍ଲାସେସର ନିର୍ଦ୍ଦେଶକ ରୋଟାରିଆନ୍ ଡ ପ୍ରସନ୍ନ ଚୌଧୁରୀ । ସମ୍ମାନୀତ ଅତିଥୀ ଭାବେ ଓଲିଉଡ ର ମିଡିଆ ପ୍ଲାନର ପ୍ରଣୟ ଜେଠୀ ଓ ରୋଟାରିଆନ ଘନଶ୍ୟାମ ବେଉରା ଓ ରୋଟାରୀ କ୍ଲବ ଭୁବନେଶ୍ୱର ର କର୍ମକର୍ତ୍ତା ଯୋଗ ଦେଇଥିଲେ । ବେଞ୍ଚମାର୍କ କ୍ଲାସେସ ର ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ

ଧାମନଗର :ଭରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଧାମନଗର ସ୍ଥିତ ଡଃ ଏପିଜେ ଅବଦୁଲ କଲାମ ଜନସେବା କେନ୍ଦ୍ର ପରିସରରେ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅଗଷ୍ଟ ୧୫ ତାରିଖ ସୋମବାର ଅପରାହ୍ନରେ ଦେଶାବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । କାନ୍ତ ସାହିତ୍ୟ ପରିଷଦ ସଭାପତି ରସାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଚୁନିବାଳା ବିଶ୍ୱାଳ ଉଦଘାଟନ କରିଥିଲ । ମୁଖ୍ୟବକ୍ତା ଭାବେ ଧାମନଗର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା,ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା ,ଧାମନଗର ଥାନା ଆଇଆଇସି ବନମାଳୀ ବାରିକ, ଶିଶୁ ସାହିତ୍ୟିକ କାହ୍ନୁ ପାଣିଗ୍ରାହୀ, ବରିଷ୍ଠ ଖବରଦାତା ତଥା ପ୍ରେସ୍ କ୍ଲବ ସଭାପତି ବାସୁଦେବ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଅମୃତ ମହୋତ୍ସବ ପାଳିତ



ଉମରକୋଟ ଆବାହକ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀ ବଲ୍ଲଭ କୁମାର ରାଉତ ଙ୍କ ତତ୍ତ୍ୱାବଧାନ ରେ ଫକୀରମୋହନ ପଠନ ଶାଳା ଉମରକୋଟ ଠାରେ ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ଆୟୋଜକ ଶ୍ରୀ ସୁବାସ ଚନ୍ଦ୍ର "ବିଷୋୟୀ, ସଂଯୋଜକ "ଶ୍ରୀ ସମୀର କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ଡ଼ଃ ସୁରେନ୍ଦ୍ରନାଥ ଦାଶ ଉଦ୍ଘାଟନ କରିଥିଲେ । ଉପସ୍ଥିତ କବିଙ୍କ ମଧ୍ୟରୁ ସଭାପତି ଶ୍ରୀ ପ୍ରଫୁଲ କୁମାର ରାଉତ, ସମ୍ମାନିତ ଅତିଥି ଶ୍ରୀ ଟୁଟୁବାବୁ ପଟ୍ଟନାୟକ, ଶ୍ରୀ କେଦାରେଶ୍ୱର ପଟ୍ଟନାୟକ କବିତା ସଂଯୋଜନା ଶ୍ରୀମତୀ ପ୍ରଭାତୀ ଦେବନାଥ ଓ ଶ୍ରୀ ଏମ୍ ହିମାଂଶୁ ଆଚାରୀ ନିଜ ନିଜର କବିତା ଆବୃତ୍ତି ସହିତ ଅନ୍ୟ କବିତା ଗୁଡିକ ସଂଯୋଜନା କରିଥିବା ବେଳେ ଶ୍ରୀନିବାସ ପଟ୍ଟନାୟକ, ଡଃ ପ୍ରଦୀପ କୁମାର ମିଶ୍ର, ଶ୍ରୀ ଟୁଟୁବାବୁ ପଟ୍ଟନାୟକ, ଶ୍ରୀ କେଦାରେଶ୍ୱର ପଟ୍ଟନାୟକ, ଶ୍ରୀ ଅଂଜନ କୁମାର ଦାଶ,ବାସନ୍ତି ମହାନ୍ତି,ଶ୍ରୀ ପୁର୍ଣ୍ଣଚନ୍ଦ୍ର ସେଠୀ, ଶ୍ରୀ ପୀତାମ୍ବର ବେହୁରିଆ, ଇଂ ଚନ୍ଦନା ମଲ୍ଲିକ, ଶ୍ରୀ ହୃଷୀକେଶ ତ୍ରିପାଠୀ, ଶ୍ରୀମତୀ ସ୍ୱାଗତିକା ସାହୁ, ଶେଖ୍ ନାଶିରୁଦ୍ଦିନ, ଶ୍ରୀ ପ୍ରଫୁଲ କୁମାର ରାଉତ, ଶ୍ରୀ ଗଣେଶ ପ୍ରସାଦ ରଣା, ଶ୍ରୀ ସତ୍ୟବ୍ରତ ପ୍ରଧାନ, ଶ୍ରୀ ବଙ୍କିମ ଚନ୍ଦ୍ର ମଣ୍ଡଳ, ଶ୍ରୀମତୀ ମଧୁସ୍ମିତା ମହାରଣା, ଶ୍ରୀ ବିବେକାନନ୍ଦ ପଟ୍ଟନାୟକ, ଶ୍ରୀ ନଗେନ୍ଦ୍ର କୁମାର ରାଉତ, ଶ୍ରୀ ରତିକାନ୍ତ ସାହୁ ଦେଶାବୋଧକ କବିତା ପାଠ କରିଥିଲେ । ଶେଷରେ ସାହିତ୍ୟ ଅନୁଷ୍ଠାନର ଆଇନ ପରାମର୍ଶ ଦାତା ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# କୁଶଭଦ୍ରା ନଦୀରେ ୨୫ ଫୁଟର ଘାଇ ଯୋଗୁଁ ଲୋକେ ଆତଙ୍କିତ



ଗୋପ : ପୁରୀ ଜିଲ୍ଲାର ଗୋପ ଅଞ୍ଚଳ ଦେଇ ପ୍ରଭାହିତ ହେଉଥିବା କୁଶଭଦ୍ରା ନଦୀରେ ଆଜି ସକାଳୁ ଏକ ୨୫ ଫୁଟର ଘାଇ ଯୋଗୁଁ ଲୋକେ ଆତଙ୍କିତ ଏ ଘାଇ ହେବା ପୂର୍ବରୁ ଯଦି ବିଭାଗୀୟ ଅଧିକାରୀ ସଠିକ ଭାବେ ଉକ୍ତ ସ୍ଥାନ କୁ ଅନୁଧ୍ୟାନ କରିଥାନ୍ତେ ତେବେ ଆଜି ଗୋପ ନିକଟସ୍ଥ ବେଦପୁର ପଞ୍ଚାୟତ ର ଖଣ୍ଡିଆକୁଦ ଠାରେ ଘାଇ ସୃଷ୍ଟି ହୋଇନଥାନ୍ତା ପୂର୍ବରୁ ଆମ ପ୍ରତିନିଧି ଗୋପ ଜଳସେଚନ ବିଭାଗର ଙ୍କୁ ବନ୍ୟା ସମ୍ପର୍କ ରେ ସ୍ଥିତି ଅନୁଧ୍ୟାନ କରିବାପାଇଁ କଥା ହୋଇଥିଲେ କିନ୍ତୁ ଜଳସେଚନ ବିଭାଗର ତାହାକୁ ଗୁରୁତ୍ୱ ଦେଇନଥିବାରୁ କୁଶଭଦ୍ରା ନଦୀ ରେ ଘାଇ ସୃଷ୍ଟି ହୋଇଥିଲା ଗତକାଲି ୩ଟି ସ୍ଥାନରେ ସ୍ଥିତି ସଙ୍ଗିନୀ ଅବସ୍ଥାରେ ରହିଛି ଗୋଟେ ହେଲା ଗୋପ ପଞ୍ଚାୟତ ର ବଣିଆ ସାହି ପାଖରେ ଥିବା ସୁଇଚ ଗେଟ ଠାରୁ କୁସୁପୁର ପର୍ଯ୍ୟନ୍ତ ବନ୍ଧ ଦୁର୍ବଳ ରହିଛି । ଅନ୍ୟଟି ହେଲା ନାଗପୁର ପଞ୍ଚାୟତ ର ନେତପୁର ର ପାଇକ ସାହି ଠାରେ ଏକ ସୁଇଚ ଗେଟ ଠାରେ ମଧ ଗତ କାଲିଠାରୁ ଏକ ଘାଇ ସୃଷ୍ଟି ହୋଇଥିଲା । ଅନ୍ୟଟି ହେଲା ବେଦପୁର ପଞ୍ଚାୟତ ର ଖଣ୍ଡିଆକୁଦ ଠାରେଥିବା ସୁଇଚ ଗେଟ ପାଖରେ ଆଜି ସକାଳୁ ୨୫ ଫୁଟ ର ଏକ ଘାଇ ସୃଷ୍ଟି ହୋଇଛି ଏହା ଦ୍ୱାରା ଗଣେଶ୍ୱରପୁର, ନାଗପୁର, ବେଦପୁର, ଅଣ୍ଡର-ଇଛାପୁର ପଞ୍ଚାୟତର ଅଧିକାଂଶ ଅଞ୍ଚଳ ସମ୍ପୂର୍ଣ ଜଳମଗ୍ନ ହୋଇଛି ଆଗକୁ ନଦୀରେ ବନ୍ୟା ଜଳ ସ୍ତର ଯଦି ବୃଦ୍ଧି ପାଏ ତେବେ ଗୋପ ରେ ଆହୁରି ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇପାରେ ବୋଲି ବିଶେଷଜ୍ଞ ଙ୍କ ମତ କାରଣ ଆଜି ସଂକ୍ରାନ୍ତି ଆସନ୍ତା କାଲି ଗୁରୁବାର ଥିବାରୁ ସମୁଦ୍ରକୁ ବନ୍ୟା ଜଳ ପ୍ରବେଶ କରିବ ନାହିଁ । ଏଣୁ କୁଶଭଦ୍ରା ନଦୀ ପ୍ରତି ବିପଦ କ୍ରମଶଃ ବୃଦ୍ଧି ପାଉଥିବାରୁ ନଦୀବନ୍ଧ ତଳିଆ ଅଞ୍ଚଳରେ ବସବାସ କରୁଥିବା ଶତାଧିକ ବ୍ୟକ୍ତି ଆତଙ୍କିତ ଅବସ୍ଥାରେ ବନ୍ଧ ଉପରେ ଆଶ୍ରୟ ନେଇଛନ୍ତି ଗ୍ରାମରେ ବନ୍ୟା ଜଳ ପ୍ରବେଶ ଯୋଗୁଁ ହଜାର ହଜାର ହେକ୍ଟର ଚାଷ ଜମି ସମ୍ପୂର୍ଣ ଜଳମଗ୍ନ ହୋଇଯାଇଛି । ଘାଇ ହେବାପରେ ସ୍ଥାନୀୟ ପ୍ରାଶାସନିକ ଅଧିକାରୀ ଓ ଶିକ୍ଷା ମନ୍ତ୍ରୀ ଯେଉଁଭଳି ପରିଦର୍ଶନ କରୁଛନ୍ତି ଯଦି ଘାଇ ହେବା ପୂର୍ବରୁ ସଠିକ ସମୟରେ ସ୍ଥିତି ଅନୁଧ୍ୟାନ କରିଥାନ୍ତେ ଆଜି କୁଶଭଦ୍ରା ନଦୀରେ ଘାଇ ହୋଇନଥାନ୍ତା । ବର୍ତ୍ତମାନ ସୁଦ୍ଧା ସରକାରୀ କୀ ବେସରକାରୀ ଆନୁଷ୍ଠାନ ତରଫରୁ ବନ୍ୟା ବିପନ୍ନଙ୍କୁ କୌଣସି ସାହାଯ୍ୟ କୀ ସହାନୁଭୂତି ମିଳିପାରିନାହିଁ ଏଣୁ ଗୋପ ସୁରକ୍ଷା ମଞ୍ଚ ଓ ବିପ୍ଳବୀ ସଂଗଠନ ତରଫରୁ ଦାବୀ ତୁରନ୍ତ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ଆବଶ୍ୟକୀୟ ସମସ୍ତ ସାହାଯ୍ୟ ଯୋଗାଇଦିଆଯାଉ ।

# ବ୍ରହ୍ମଗିରି ଅଞ୍ଚଳରେ ଭାର୍ଗବୀ ନଦୀର ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି ସଞ୍ଜୟ ଦାସବର୍ମା



ବ୍ରହ୍ମଗିରି, : ଆଜି ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା ବ୍ରହ୍ମଗିରି ବ୍ଲକ ଗସ୍ତ କରି ଭାର୍ଗବୀ ନଦୀର କପିଳେଶ୍ୱରପୁର ପଞ୍ଚାୟତ ତିନିକୁଦୀ ଗ୍ରାମ ଠାରେ ଦୁର୍ବଳ ନଦୀ ବନ୍ଧ ଏବଂ କୁସୁବେଣ୍ଟି ପଞ୍ଚାୟତର ଜଗଦଳ ଶଙ୍ଖ, ବାଲିଘାଇ ଶଙ୍ଖ, ତଳମାଳ ପଞ୍ଚାୟତର ପୋଡ଼ାକେରା ଓ ତଳମାଳ(ଖ) ନଦୀବନ୍ଧର ଜଳସମ୍ପଦ ବିଭାଗର ଅଧିକାରୀଙ୍କ ସହିତ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହା ସହିତ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଗ୍ରାମବାସୀ ମାନଙ୍କର ଯେଉଁ ଭଳି ଅସୁବିଧା ନହୁଏ ସେଥିପ୍ରତି ଜଳସମ୍ପଦ ବିଭାଗ ଓ ବ୍ରହ୍ମଗିରି ବ୍ଲକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ମଧ୍ୟାହ୍ନରେ ବ୍ରହ୍ମଗିରି ବ୍ଲକ ଲୁଣା ନଦୀର କାଣ୍ଡଗୋଦା ପଞ୍ଚାୟତର ୨୦ଟି ମୌଜା କୁ ସଂଯୋଗ କରୁଥିବା ଜାଣ ମୁହଁ ଶଙ୍ଖ, ବ୍ରହ୍ମପଡା ଶଙ୍ଖ ଓ କାଳସି ପଡ଼ା ଶଙ୍ଖ ଉପରେ ଜଳସମ୍ପଦ ବିଭାଗ ଓ ଗ୍ରାମବାସୀଙ୍କ ସହିତ ବନ୍ୟା ସ୍ଥିତି ବୁଲି ଦେଖିବା ସହିତ ଲୁଣା ନଦୀ ଉପରେ ତଳମାଳ ଏବଂ କରମଳାକୁ ସଂଯୋଗ କରୁଥିବା ବ୍ରିଜ ଉପରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି । ଜଳସମ୍ପଦ ଓ ଡ୍ରେନେଜ୍ ବିଭାଗର ଅଧିକାରୀଙ୍କୁ ସ୍ଥିତି ଉପରେ ନଜର ରଖିବା ପାଇଁ ପରାମର୍ଶ ଦେଇଛନ୍ତି । ଏହି ଗସ୍ତ ସମୟରେ ସାଂସଦଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ ଦଳାଇ, ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଡ଼େଇ, ଜଳସମ୍ପଦ ବିଭାଗ ଅଧିକ୍ଷଣ ତପନ କୁମାର ମଜୁମଦାର, ଯନ୍ତ୍ରୀ ସୁବ୍ରତ ଢ଼ୋରା ବ୍ରହ୍ମଗିରି ବ୍ଲକର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଦ୍‌ଭାବନା ଦିବସ

ନବରଙ୍ଗପୁର, ୨୧।୮ (ନି.ପ୍ର):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଦଭାବନା ଦିବସ ପାଳନ ଅବସରରେ ଶପଥ ପାଠ ଉଛବ ପାଳନ ହୋଇଯାଇଛି । ଜିଲ୍ଲାପାଳ ଡଃ. ମିଶ୍ର ଜାତି ସମ୍ପ୍ରଦାୟ କ୍ଷେତ୍ର,ଧର୍ମ ଅଥବା ଭାଷା ଭିତିକ ଭେଦଭାବ,ହିଂସା ର ସାହାଯ୍ୟ ବିନା ସବୁ ପ୍ରକାର ମତଭେଦ କଥାବାର୍ତ୍ତା ଏବଂ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ପାଇଁ ଭାରତବାସୀଙ୍କ ଭାବନାତ୍ମଖ ଏକତା ଏବଂ ସଦଭାବନା ନିମନ୍ତେ କାର୍ଯ୍ୟ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଡେପୁଟି ଜିଲ୍ଲାପାଳ ନିର୍ମଳ ନାୟକ,ମୌସୁମୀ ନାୟକ,ସୁବ୍ରତ ବେହେରା,ଅଧ୍ୟକ୍ଷକ ଯନ୍ତ୍ରୀ ପୂର୍ତ୍ତବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ,ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ,ଜିଲ୍ଲା କ୍ରୀଡା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଓଡିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ,ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ହଳଧର ନିହାଲ,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ,ଜରୁରୀକାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ,ଜିଲ୍ଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧରକାରୀ ବିଶ୍ୱ ରଞ୍ଜନ ଭୁକ୍ତ,ନରେନ୍ଦ୍ର ସାହୁ,ପାର୍ବତୀ ନାୟକ,ଦାନବୀର ଜଗତ,ପ୍ରଫୁଲ୍ଲ ପାତ୍ର,ସୁରେଶ ପଟ୍ଟନାୟକ,ତ୍ରିଲୋଚନ ନାୟକ,ବିଜୟ ସାହୁଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଅବସରରେ ଜିଲ୍ଲାପାଳ ଡଃ. ମିଶ୍ରଙ୍କ ଉପସ୍ଥିତିରେ ଜିଲ୍ଲା କାର୍ଯ୍ୟାଳୟ ର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ନେଇ ଆମ ପରିବେଶ ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଭାଜନ ଭୟାବହତା ସ୍ମୃତି ଦିବସ ପାଳିତ

ଭବାନୀପାଟଣା, ୨୧/୮ (ନି.ପ୍ର)- ସ୍ଥାନୀୟ ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନରେ ବିଭାଜନ ଭୟାବହତା ସ୍ମୃତି ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ତାଲିମ ଅନୁଷ୍ଠାନର ଅଧକ୍ଷ ସ୍ନେହାଶିଷ ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅର୍ଥନୀତି ବିଭାଗ ଅଧ୍ୟାପକ ସୀମାଞ୍ଚଳ ମିଶ୍ର, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବୋର୍ଡା ମହାବିଦ୍ୟାଳୟର ଅଧକ୍ଷ ସୁମନ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ଆଜାଦୀକା ଅମୃତ ମହୋତ୍ସବର ଉପାଦେୟତା ସଂପର୍କରେ ଆଲୋଚନା କରିବା ସହ ଦେଶ ବିଭାଜନ ସମୟରେ ଭାରତର ଅଖଣ୍ଡତାକୁ କିଭଳି ଭାବେ ତିଳ ତିଳ କରି ହତ୍ୟା କରାଯାଇଥିଲା ସେ ସଂପର୍କରେ ବିଭିନ୍ନ ସୂଚନା ଦେଇଥିଲେ ।

# 'ସମ୍ଭାବନା' ପତ୍ରିକା ଉନ୍ମୋଚନ ଓ ଚିତ୍ରକଳା ପ୍ରଦର୍ଶନୀ

ଭବାନୀପାଟଣା, ୨୧/୮ (ନି.ପ୍ର)- କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ତିନୋଟି ଜିଲ୍ଲାକୁ ନେଇ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷାମଣ୍ଡଳ ଆନୁକୂଲ୍ୟରେ ଏଠାରୁ ୭୦ କିମି ଦୂରବର୍ତ୍ତୀ ଜୟପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖଲିଆଭଟ୍ଟା ଠାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ 'ସମ୍ଭାବନା' ନାମକ ଏକ ମୁଖପତ୍ରର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ



କଳାହାଣ୍ଡିର ଅନ୍ୟତମ ଭାଷା ସାହିତ୍ୟର ଗବେଷକ ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ମଣ୍ଡଳ ଅଧିକାରୀ କମଳାକାନ୍ତ ପ୍ରହରାଜ, ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା, ବିଶିଷ୍ଟ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀ ଓ ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ପତ୍ରିକାର ଭୂୟସୀ ପ୍ରଶଂସା କରିଥିଲେ । ଶିକ୍ଷକ ସଂଜୀବ କୁମାର ପଣ୍ଡା ଓ ବେଦବ୍ୟାସ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । ନୂଆପଡା ଜିଲ୍ଲା ସଂଘ ସଭାପତି ସୁଶିଳ କୁମାର ପତି, କଳାହାଣ୍ଡି ସଭାପତି ସୂର୍ଯ୍ୟନାରାୟଣ ପଣ୍ଡା ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଖଲିଆଭଟ୍ଟା ଉଚ୍ଚ ବିଦ୍ୟାଳୟର ୫୧ ତମ ଜନ୍ମ ବାର୍ଷିକି ଅବସରରେ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡୀଙ୍କ ସହଯୋଗରେ ଅନୁଷ୍ଠିତ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ୍ୟ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

## ବିଦ୍ୟୁତ୍ ଆଘାତରେ ନାବାଳିକା ମୃତ

ଭବାନୀପାଟଣା, ୨୧/୮ (ନି.ପ୍ର)- ବିଦ୍ୟୁତ ଖୁଣ୍ଟରେ ଝୁଲୁଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ନାବାଳିକା ମୃତ୍ୟୁ ହେବା ଘଟଣା ଉକ୍ତ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସିର୍ଲିଗୁଡା ଗ୍ରାମର ଘନ ମେହେରଙ୍କ ବାରିପଟେ ଥିବା ବିଦ୍ୟୁତ ଖୁଣ୍ଟିରେ କୌଣସି କାରଣ ବଶତଃ ବିଦ୍ୟୁତ ତାର ଝୁଲି ରହିଥିଲା । ଘନମେହେରଙ୍କ ଝିଅ ପଦ୍ମିନୀ ମେହେର (୧୬) କୌଣସି କାମରେ ବାରିପଟକୁ ଯାଇଥିଲା । ଅଜାଣତରେ ଉକ୍ତ ବିଦ୍ୟୁତ ଖୁଣ୍ଟ ପାଖକୁ ଯିବା ସମୟରେ ପୂର୍ବରୁ ସେଠାରେ ଝୁଲୁଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା । ଘଟଣାସ୍ଥଳରେ ପଦ୍ମିନୀର ମୃତ୍ୟୁ ହୋଇଯାଇଥିଲା ।

# କନ୍ୟାଭ୍ରୁଣ ହତ୍ୟା ରୋକିବା ପାଇଁ ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ

ଭବାନୀପାଟଣା, ୨୧/୮ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ପି.ସି.ପି.ଏନ୍.ଡି.ଟି.ନିୟମ ପରାମର୍ଶଦାତା କମିଟିର ବୈଠକ ଅଧକ୍ଷା ତଥା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଗୁରୁତ୍ୱା ରୋପ କରିଥିଲେ । ଏଥିପାଇଁ ଜିଲ୍ଲାର ସମସ୍ତ ସୋନୋଗ୍ରାଫି କେନ୍ଦ୍ର ଉପରେ ପ୍ରଶାସନ କଡା ନଜର ରଖାଯିବ ସହିତ ପିସି ପିଏନ୍‌ଡିଟି ନିୟମକୁ ସଠିକ୍ ଭାବେ ପାଳନ କରିବା ଲାଗି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଗମ ବ୍ଲକ୍ ଥୁ. ରାମପୁର, ଲାଞ୍ଜିଗଡ ଓ ମ. ରାମପୁର ଗର୍ଭବତୀ ମହିଳାଙ୍କୁ ବିନା ମୂଲ୍ୟରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସେଥିପାଇଁ ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଅଲଟ୍ରାସାଉଣ୍ଡ ମେସିନ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଗଲା ଓ ଏହାକୁ ସୁପରିଚାଳନା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଗଲା । ପ୍ରଧାନ ମନ୍ତ୍ରୀ ମାତୃତ୍ୱ ସୁରକ୍ଷୀତ ଅଭିଯାନ କାର୍ଯ୍ୟକ୍ରମରେ ଆସୁଥିବା ସମସ୍ତ ଗର୍ଭବତୀ ମହିଳାଙ୍କୁ ବିନାମୂଲ୍ୟରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇବା ପାଇଁ ୧୫ଟି ବେସରକାରୀ ସୋନୋଗ୍ରାଫି କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଗଲା । ଉକ୍ତ କେନ୍ଦ୍ର ଗୁଡିକର ପରିଚାଳକଙ୍କୁ ନେଇ ଏକ ବୈଠକ କରାଯିବ ଏବଂ ସେମାନଙ୍କୁ ସଚେତନ କରାଯିବ । ଅନ୍ୟପକ୍ଷରେ ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାତୀୟ ପରିବାର ସ୍ୱାସ୍ଥ୍ୟ ୨୦୧୯ ରା ୨୦୨୧ ମଧ୍ୟରେ ହୋଇଥିବା ସର୍ଭେ-୫ ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ପ୍ରତି ହଜାରେ ପୁରୁଷରେ ୧୦୫୧ ଝିଅ ଥିଲେ । ଯାହାକି ୨୦୧୫-୧୬ ସର୍ଭେ-୪ ଠାରୁ ୪୦ ପଏଣ୍ଟ ଅଧିକ ଅଛି ।

ଏଦିଗରେ ସାମୁହିକ ଉଦ୍ୟମ ଆବଶ୍ୟକ ରହିଥିବା ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ମନୋ ମାଝୀ, ପରିବାର କଲ୍ୟାଣ ଅଧିକାରୀ ଡଃ. ଚନ୍ଦ୍ରକାନ୍ତୀ ଆଚାର୍ଯ୍ୟ, ଭେଷଜ ବିଭାଗ ଡଃ. ସାହୁ ମାତୃ ଓ ପ୍ରସୂତି ବିଭାଗ ଡା. ମିନତୀଲତା ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଡି.ପି.ଏମ୍. ଅବନୀ ରଂଜନ ମହାପାତ୍ର, ଡି.ଏମ୍.ଆର୍.ସି.ଏଚ୍., ଡି.ସି.ପି.ଓ. ଭବାନୀ ଶଙ୍କର ସାହୁ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

# ଅହିଂସା ରଥକୁ କୃଷ୍ଣପ୍ରସାଦରେ ସ୍ୱାଗତ

କୃଷ୍ଣପ୍ରସାଦ, ୨୧।୮ (ନିପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଆଜାଦୀ କା ଅମୃତ ମହୋତ୍ସବକୁ ଆହୁରି ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତି ଜିଲ୍ଲାସ୍ତରରେ ପରିକ୍ରମା କରୁଛି ଅହିଂସା ରଥ । ରଥ କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସାତପଡ଼ା ନୌଘାଟ ଠାରେ ପହଁଚିବା ପରେ ବ୍ଲକ ପ୍ରଶାସନ ତରଫରୁ କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ସ୍ୱାଗତ ସମୟରେ ବ୍ରହ୍ମଗିରି ଥାନା ଆଇଆଇସି ମନୋଜ କୁମାର ଶତପଥୀ, ବ୍ରହ୍ମଗିରି ତହସିଲଦାର କାହ୍ନୁ ଚରଣ ଘଡ଼େଇ, ବ୍ରହ୍ମଗିରି ସିଡିପିଓ ଉଷାରାଣୀ ମିଶ୍ର, ବିପିସି ମନାରଞ୍ଜନ ସାହୁ , ଲୋକପ୍ରତିନିଧି ଓ ମିଶନ ଶକ୍ତିର ମହିଳା ସଦସ୍ୟା ଉପସ୍ଥିତ ଥିଲେ । ରଥ ସାତପଡ଼ା ନୂଆଗାଁ, ପିରିଜିପୁର ପରିକ୍ରମା କରି ପଣସପଦା ହରିହର ବିଦ୍ୟାପୀଠ ଠାରେ ପହଞ୍ଚିଥିଲା । ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱଂୟ ସହାୟିକା ଗୋଷ୍ଠୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ଡେଲାଙ୍ଗ ବନ୍ୟାଞ୍ଚଳ ବୁଲି ଦେଖିଲେ ରାଜସ୍ୱମନ୍ତ୍ରୀ



ଡେଲାଙ୍ଗ, ୨୧।୮ (ନିପ୍ର): ବନ୍ୟାରେ ଡେଲାଙ୍ଗ ବ୍ଲକର ବ୍ୟାପକ କ୍ଷୟକ୍ଷତି ସହ ଲୋକଙ୍କ ଜୀବନଜୀବିକା ବିକାଶ ଧାରାରେ ବ୍ୟାହତ ଘଟିଛି । ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ ଡେଲାଙ୍ଗ ବ୍ଲକର ୯ ପଞ୍ଚାୟତର ୪୪ଟି ଗ୍ରାମର ୪୫ ହଜାର ୧୨୮ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଏଥିସହିତ ବନ୍ୟାରେ ଡେଲାଙ୍ଗ ବ୍ଲକର ସବୁ ଅଞ୍ଚଳର ଲୋକ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି । ବନ୍ୟା ଯୋଗୁଁ ସମଗ୍ର ଅଞ୍ଚଳ ଯୋଗାଯୋଗ ବିଚ୍ଛିନ୍ନ ତା ସାଙ୍ଗକୁ ତୁହାକୁ ତୁହା ବର୍ଷା ଫଳରେ ସାଧାରଣ ଦିନମଜୁରିଆ, ଖଟିଖିଆ, ବୁଲାବିକାଳି, ଉଠାଦୋକାନୀ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଯୋଗାଯୋଗ ବିଚ୍ଛିନ୍ନ ସେମାନେ ବାହାରକୁ ଯାଇପାରୁ ନାହାନ୍ତି, କାମ ନାଁହି ,ରୋଜଗାର ନାଁହି । ଫଳରେ ସେମାନେ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ରିଲିଫ ସହାୟତା ଯୋଗାଇଦେବାକୁ ଦାବି ହେଉଛି । ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗୀୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଡେଲାଙ୍ଗ ବ୍ଲକର ଡେଲାଙ୍ଗ-କାଠାବାଡ଼, ସୁଜନପୁର, ସାଉରିଆ, ଘନିପୁର, କଲ୍ୟାଣପୁର, ମାଟରି ଆଦି ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥିତି ସମୀକ୍ଷା କରିଥିଲେ । ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଏଡିଏମ କୈଳାସ ଚନ୍ଦ୍ର ନାୟକ, ବିଡିଓ ଦିଲ୍ଲୀପ କୁମାର ଷଡଙ୍ଗୀ, ଉପାଧ୍ୟକ୍ଷ ଦୁର୍ବାଷା ନିଶଂକ, ପ୍ରାକ୍ତନ ବ୍ଲକ ଅଧକ୍ଷ ପ୍ରସନ୍ନ କୁମାର ସାହୁ, ଆଇଆଇସି ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବନ୍ୟା ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

# କନେଷ୍ଟବଲ, ହୋମଗାର୍ଡଙ୍କୁ ରାସ୍ତା ସୁରକ୍ଷା ଦକ୍ଷତା ଉପରେ ପ୍ରଶିକ୍ଷଣ

ଭବାନୀପାଟଣା, ୨୧/୮ (ନି.ପ୍ର): ଦିନିକିଆ ଗସ୍ତରେ ପରିବହନ ଓ ଜଳ ସମ୍ପଦ ମନ୍ତ୍ରୀ ଟୁକନି ସାହୁ ଏବଂ ପରିବହନ କମିଶନର ଅରୁନ ବାତ୍ରା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଗସ୍ତରେ ଆସି ଡ୍ରାଇଭିଂ ପରୀକ୍ଷା କେନ୍ଦ୍ର ଓ ଓଡିଶାର ପ୍ରଥମ ସଡକ ସୁରକ୍ଷା ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଥିଲେ । ଭବାନୀପାଟଣା କୁଶାଡଙ୍ଗିର ଠାରେ ଏକ କୋଟି ପଚାଶ ଲକ୍ଷ ଟଙ୍କାରେ ନିର୍ମିତ ନୂଆ ଡ୍ରାଇଭିଙ୍ଗ ପରୀକ୍ଷା କେନ୍ଦ୍ରକୁ ପରିବହନ ଓ ଜଳ ସଂମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ ଶୁଭ ଉଦ୍‌ଘାଟନ କରିଥିବା ବେଳେ ଭବାନୀପାଟଣା କୃଷି ମହାବିଦ୍ୟାଳୟ (ଓୟୁଏଟି ) କନଫରେନ୍ସ ହଲ ରେ ରାଜ୍ୟ ପ୍ରଥମ ଟ୍ରାଫିକ ପୋଲିସ , କନେଷ୍ଟବଳ ଓ ହୋମଗାର୍ଡଙ୍କୁ ସଡକ ସୁରକ୍ଷା ଦକ୍ଷତା ବୃଦ୍ଧି କର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀମତୀ ସାହୁ ସମେତ ରାଜ୍ୟ ପରିବହନ ସଚିବ ଅରୁଣ ବାତ୍ରା, କଳାହାଣ୍ଡି ଜିଲ୍ଲାପାଳ ପି . ଅନ୍ୱେଷା ରେଡି ,ଏସ୍ ପି ଅଭିଳାଷ ଜୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପରିବହନ ସଚିବ ଶ୍ରୀ ବାତ୍ରା ପ୍ରକାଶ କରିଥିଲେ ଯେ ,ଏହି ପ୍ରଶିକ୍ଷଣ କଳାହାଣ୍ଡିରୁ ଓଡିଶାର ପ୍ରଥମ ଶୁଭ ଆରମ୍ଭ ହୋଇଛି । ବର୍ତ୍ତମାନ ବେପାରୁଆ ଗାଡି ଚାଳନା ଓ ଲୋକ ମାନଙ୍କ ମଧ୍ୟରେ ଦୁର୍ଘଟଣା ରେ ଆହତ ଲୋକ ମାନଙ୍କୁ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା ଆଦି ଉପରେ ସଚେତନତା ଅଭାବ ଯୋଗୁଁ ଦୁର୍ଘଟଣା ରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ।ଯାହା ଦେଶରେ ୧୦୦ ଦୁର୍ଘଟଣା ରେ ୩୩ ଜଣ ମୃତ ହେଉଥିବା ବେଳେ ଓଡ଼ିଶା ରେ ୧୦୦ ଦୁର୍ଘଟଣା ରେ ୪୮ ଜଣ ମୃତ ହେଉଛନ୍ତି । ଏହାର ମୁଖ୍ୟ କାରଣ ଦୁର୍ଘଟଣା ସମୟରେ ଗୁରୁତର ଆହତ ହୋଇଥିବା ଲୋକମାନଙ୍କୁ ତୁରନ୍ତ ମେଡ଼ିକାଲକୁ ଚିକିତ୍ସା ପାଇଁ ଆଣିବା ବଦଳରେ ଲୋକେ ସେଲଫି ଓ ଫଟୋ ଉଠାଇବା ଅଧିକ ବ୍ୟସ୍ତ ରହୁଛନ୍ତି । ଫଳରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ଆଣିବାରେ ବିଳମ୍ବ ହେତୁ ଅଧିକ ମୃତ ହେଉଛନ୍ତି । ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ସମସ୍ତଙ୍କୁ ଦୁର୍ଘଟଣା ରୋକିବା ଉପରେ ଶିକ୍ଷା ଦେବାସହିତ ଦୁର୍ଘଟଣାରେ ଲୋକମାନଙ୍କୁ କିପରି ବଞ୍ଚା ଯାଇପାରିବ ସେଥିପାଇଁ ଗୁରୁତ୍ୱ ଦେବା ଜରୁରୀ । ଏହା ସହିତ ଜାତୀୟ ଓ ରାଜ୍ୟ ରାଜପଥରେ ଥିବା ବ୍ଲାକ ସ୍ପଟ ଗୁଡିକ ନିକଟରେ ଥିବା ଚା ଓ ପାନ ଏବଂ ଅନ୍ୟ ଦୋକାନ ଗୁଡିକରେ ଫାଷ୍ଟେଡ କିଟ ରଖିବା ସହିତ ସେମାନଙ୍କୁ ମଧ ପ୍ରଶିକ୍ଷଣ ଦେବା ପାଇଁ ସରକାର ସ୍ଥିର କରିଛନ୍ତି । ସେପରି ହିଟ୍ ଏଣ୍ଡ ରନ୍‌ରେ ଦୁର୍ଘଟଣା ରେ ଗାଡି ମାଲିକ ବୀମା ଟଙ୍କା ପାଉଛି କିନ୍ତୁ ଯେଉଁ ଲୋକ ମୃତ ହେଉଛି ତାର ପରିବାର କିଛି କ୍ଷତି ପୁରଣ ପାଉନଥିଲେ । ସେଥିପାଇଁ ରାଜ୍ୟ ସରକାର ହଟ ଏଣ୍ଡ ରନ୍ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ବ୍ୟକ୍ତି କୁ ୨ ଲକ୍ଷ ଓ ଗୁରୁତର ଆହତ କୁ ୫୦ ହଜାର ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି କିନ୍ତୁ ଏହି ଯୋଜନା ସମ୍ପର୍କରେ ଜନସାଧାରଣ ଅବଗତ ନଥିବା ଓ ପୋଲିସ ଏବଂ ପରିବହନ ବିଭାଗ ଏ ସମ୍ପର୍କରେ ଜନସଚେନତା ସୃଷ୍ଟି କରୁନଥିବା ରୁ ଲୋକ ଏହି ମହତ ଯୋଜନାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ପ୍ରକାଶ କରିଥିଲେ ।

# ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି



ଯାଜପୁର, ୨୧।୮ (ନିପ୍ର): ଯାଜପୁର ସହରରେ ଆଗାମୀ ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଗଣେଶ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅକ୍ଷୟ କୁମାର ମଲିକ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ଗଣେଶ ପୂଜା ସରକାରୀ ଆଇନ୍‌କାନୁନ୍ ମାଧ୍ୟମରେ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବାକୁ ନିବେଦନ କରିଥିଲେ । ଏଥିପାଇଁ ପ୍ରଶାସନର ସମସ୍ତ ସହଯୋଗ ରହିବ । ବିଗତବର୍ଷ ମାନଙ୍କରେ କୋଭିଡ୍ କଟକଣା ଯୋଗୁଁ ପୂଜା କମିଟିମାନେ ଆଡମ୍ବର ସହକାରେ ପୂଜା କରିପାରିନଥିଲେ । ଚଳିତ ବର୍ଷ ୭ ଦିନ ପାଇଁ ଉତ୍ସବ ଅନୁଷ୍ଠତ ହେବବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଆଗାମୀ ଅଗଷ୍ଟ ୩୧ ତାରିଖରୁ ସେପ୍ଟେମ୍ବର ୫ ତାରିଖ ଯାଏ ମଣ୍ଡପମାନଙ୍କରେ ପୂଜା ଅନୁଷ୍ଠିତ ହେବ । ଉକ୍ତ ସମୟ ମଧ୍ୟରେ ନିୟମିତ ବିଦ୍ୟୁତ୍ ଯୋଗାଣ, ପରିମଳ ଓ ପାନୀୟଜଳ ଆଦି ନିରବଚ୍ଛିନ ଯୋଗାଣ ପାଇଁ ପଦକ୍ଷେପ ନିଆଯିବ । ସମସ୍ତ ପୂଜା କମିଟିକୁ ନେଇ ଏକ ୧୫ଜଣିଆ ଶାନ୍ତି କମିଟି ଗଠିତ ହେବ ଏବଂ ଏହି କମିଟି ପୋଲିସ ପ୍ରଶାସନ ସହଯୋଗରେ ଭସାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପନ୍ନ କରିବେ । ରାତି ୧୦ଟା ପରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅବା ଭସାଣୀକୁ ଅନୁମତି ଦିଆଯିବ ନାହିଁ । ଡି.ଜେ ବାଦ୍ୟକୁ ନିଷେଧ କରାଯିବା ସହ ଭସାଣୀ ସମୟରେ ଏଣେତେଣେ ମୂର୍ତ୍ତି ବିସର୍ଜନ କରିବାକୁ ପ୍ରଶାସନ ତରଫରୁ ବାରଣ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଜିଲ୍ଲାପାଳ ଗୋପିନାଥ କୁଅଁର, ଏସ୍.ଡି.ପି.ଓ ସରୋଜ କୁମାର ଉପାଧ୍ୟାୟ, ଆଇ.ଆଇ.ସି ଅଜୟ କୁମାର ଜେନା, ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁନା ଦୋକାନରୁ ଡକାୟତି: ମୁଖ୍ୟ ଆସାମୀଙ୍କୁ ଧରିବାରେ ବିଫଳ ପୁଲିସ

ପାଟଣାଗଡ, ୨୧।୮ (ନିପ୍ର): ପାଟଣାଗଡ ଥାନା ଅଞ୍ଚଳରେ ବିଗିଡିବାରେ ଲାଗିଛି ଆଇନ ଶୃଙ୍ଖଳା, ପୁଲିସକୁ ଖୋଲା ଚାଲେଞ୍ଜଦେଇ ଦୁର୍ବୃତ୍ତ ଭିଆଉଛନ୍ତି ଅମାନବୀୟ କାଣ୍ଡ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇ ଥିବାବେଳେ ଏବେବି ପୁଲିସକୁ ଚକମା ଦେଇ କଳସ ସୁନା ଦୋକାନରୁ ଡକାୟତ କରିଥିବା ଦୁର୍ବୃତ୍ତ ମାନେ ଫେରାର ଅଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ମୁତାବକ ଗତ ଅଗଷ୍ଟ ୫ ତାରିଖ,ପାଟଣାଗଡ ସହର ମୁଖ୍ୟ ରାସ୍ତାରେ ଥିବା ଅମୃତ କଳସ ସୁନା ଦୋକାନ । ସମୟ ପାଖାପାଖି ଅପରାହ୍ନ ୪ଟାରେ ୩ଟି ବାଇକରେ ୬ଜଣ ଯୁବକ ଆସି ପୂରା ଫିଲ୍ମ ଷ୍ଟାଇଲରେ ଦୋକାନ ମାଲିକଙ୍କୁ ବନ୍ଧୁକ ଦେଖାଇ ଲୁଟିନେଲେ ୧.୫ କେଜି ସୁନା ଅଳଙ୍କାର ଓ ୫୦ ହଜାର ଟଙ୍କା । ପାଟଣାଗଡ ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଘଟିଛି ଏପରି ଘଟଣା ଘଟିଥିଲେ ହିଁ ପୁଲିସକୁ ଖୋଲାଚେଲେଞ୍ଜ ଦେଇ ଦୃର୍ବୃତ୍ତ ମାନେ ଲୁଟିନେଲେ ଭଳିକି ଭଳି ସୁନା ହାର ଓ ହଜାର ହଜାର ଟଙ୍କା । ଯାହାର ପୁରା ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିବା ଦେଖିବାକୁ ମିଳିଛି । ହେଲେ ଘଟଣାକୁ ଆଜି ୧୫ ଦିନରୁ ଉର୍ଦ୍ଧ୍ୱ ହୋଇଥିଲେହିଁ ଆଜି ପର୍ଯ୍ୟନ୍ତ ଚୋରି ସାମଗ୍ରୀ କିମ୍ବା ଏଥିରେ ସମ୍ପୃକ୍ତ ଡକାୟତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି । ଅବଶ୍ୟ ଏହାର ୧୧ ଦିନପରେ ଅର୍ଥାତ ୧୬.୮.୨୦୨୨ରେ ପୁଲିସ ୪ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଠାରୁ ୪୨ ହଜାର ୫୦୦ ଟଙ୍କା ସହ ଡକାୟତରେ ବ୍ୟବହୃତ ଏକ ଦେଶୀ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ଏବଂ ଗୋଟିଏ କଳା ପଲସର ବାଇକ ସହ ମୋବାଇଲ ଜବତ କରିଛି କିନ୍ତୁ ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଛି ପୁଲିସ । ଏବେବି ମୁଖ୍ୟ ଆସାମୀ ସହ ଅନ୍ୟମାନେ ଫେରାର ଥିବାରୁ ଭୟଭୀତ ଅବସ୍ଥାରେ ଥିବା କହିଛନ୍ତି ସୁନା ଦୋକାନ ମାଲିକ ମୁକେଶ ଜୈନ ।ଏବଂ ଚୋର ଧରି ଯାଇ ନାହିଁ କି ଚୋରି ସମଗ୍ରୀ କାହିଁ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି । ତେବେ କେତେଦିନ ହେବ ପାଟନାଗଡ ଅଞ୍ଚଳରେ ଚୋର ଡକାୟତ ଭଳି ଘଟଣା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ପୁଲିସ ଲୋକଙ୍କ ବିଶ୍ୱାସ ହରାଇବାରେ ବସିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି ।




## ଯାଦବ ଯୁବ ଶକ୍ତି ତରଫରୁ ମୋଟର ସାଇକେଲ ରାଲି

ଭବାନୀପାଟଣା, ୨୧/୮ (ନି.ପ୍ର)- ଯାଦବ ଯୁବ ଶକ୍ତି କଳାହାଣ୍ଡି ତରଫରୁ ଏକ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଯୁବକ ଏକ ବିଶାଳ ମୋଟର ସାଇକେଲ ଶୋଭା ଯାତ୍ରା "ଜୟ ଯାଦବ, ଜୟ ମାଧବ" ଯାଦବ ଯୁବଶକ୍ତି ଜିନ୍ଦାବାଦ ନାରା ଦେଇ ସହର ପରିକ୍ରମା କରିଥିଲା । ଏହି ବିଶାଳ ର୍‍ୟାଲି କଲେଜଛକ ପଡିଆଠାରୁ ବାହାରି ମାଣିକେଶ୍ୱରୀ ସ୍କୁଲ ଛକ, ବାଳିକା ଉଚ୍ଚବିଦ୍ୟାଳୟ, ଭବାନୀ ସିନେମାହଲ୍, ଷ୍ଟେଟ୍ୟୁଛକ, ମାଣିକେଶ୍ୱରୀ ମନ୍ଦିର, ଘୋଡାଘାଟ ଛକ, ମ୍ୟୁନିସିପାଲିଟି ଛକ, ମେଡିକାଲ ଛକ, ତହସିଲ ଅଫିସ୍ ଛକ, ନକ୍ଟିଗୁଡା ଛକ, ବାଲାଜୀ ମନ୍ଦିର, ଜେଲ ଛକ, ଏମ୍.ଏସ୍.ଏ. ଛକ ହୋଇ ବିଜୁ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା । ଏହି ଶୋଭା ଯାତ୍ରାରେ ଯାଦବ ଶକ୍ତିର ଅମିତ୍ କୁମାର ଯାଦବ, ପୀତବାସ ବେହେରା, ଗୁରୁପ୍ରସାଦ ଚଣ୍ଡୀ ପ୍ରମୁଖ ଶୋଭାଯାତ୍ରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସଙ୍ଗେ ସଙ୍ଗେ କୃଷ୍ଣ ପ୍ରେମରେ ମନକୁ ପବିତ୍ର କରିଥିଲା ।

# ନିରାକାରପୁର କଲେଜ ସ୍ଥାୟୀପଟ୍ଟା ଓ ଆଡ୍‌ମିଶନ ଫି କମାଇବାକୁ ଧାରଣା

ନିରାକାରପୁର, ୨୧।୮ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ କ୍ଷେତ୍ରବାସୀ ଡ଼ିଏଭି ମହାବିଦ୍ୟାଳୟ ବହୁ ପୁରାତନ କଲେଜ ହୋଇଥିବାବେଳେ ଏହି ମହାବିଦ୍ୟାଳୟ ନାମରେ ସ୍ଥାୟୀ ପଟ୍ଟା ଅଦ୍ୟାବଧି ହୋଇ ପାରି ନଥିବାରୁ ଏହି ମହାବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି ହେଉଛି । ବାରମ୍ବାର ଏ ନେଇ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ନିକଟରେ ଦାବୀ ହେଉଥିଲେ ବି ଏ ବିଷୟରେ କେହି କର୍ଣ୍ଣପାତ ନ କରୁଥିବାରୁ ଆଜି ନିରାକାରପୁର ଅଞ୍ଚଳର ବହୁ ଯୁବକ ଓ ଛାତ୍ରନେତା ଯୁବନେତା ଶୁଭମ ଦାଶଙ୍କ ନେତୃତ୍ୱରେ ଦିନ ୧୨ଟାଠାରୁ ଏକ ଦୁଇ ଦଫା ଦାବି ପୂରଣ ନିମନ୍ତେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ରହିଥିଲେ । ପ୍ରଥମ ଦାବୀ ନିରାକାରପୁର କଲେଜର ସ୍ଥାୟୀ ପଟ୍ଟା ତୁରନ୍ତ ପ୍ରଦାନ ଓ ଯୁକ୍ତ ଦୁଇ ଆଡ୍‌ମିଶ ଫି ବହୁତ ଅଧିକ ହୋଇଥିବାବେଳେ ତାକୁ କମାଯାଉ । ଫଳରେ ଦିନ ଗୋଟାଏ ପରେ ଆଡ୍‌ମିଶନ ପ୍ରକ୍ରିୟାରେ ବାଧାପ୍ରାପ୍ତ ହୋଇଥିଲା । ରାତି ସାଢେ ୮ଟା ପର୍ଯ୍ୟନ୍ତ ଧାରଣାରେ ବସି ରହି ଦାବି ପୂରଣ ପାଇଁ ନାରାବାଜି କରିଥିବାବେଳେ କଲେଜ ପରିସରରେ ଅଧ୍ୟକ୍ଷଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ଅଟକି ରହିଥିଲେ । ଖବର ପାଇ ଘଟଣାସ୍ଥଳକୁ ଟାଙ୍ଗୀ ବିଡ଼ିଓ ତଥା ତହସିଲଦାର ଦାୟିତ୍ୱରେ ଥିବା ଐଶର୍ଯ୍ୟା ସାମନ୍ତରାୟ, ଅତିରିକ୍ତ ତହସିଲଦାର ଶରତ କୁମାର ବେହୁରା ଓ ବାଲୁଗାଁ ଏସଡ଼ିପିଓ ମାନସ ରଞ୍ଜନ ବାରିକ , ଆଇଆଇସି ଗୀତାଞ୍ଜଳୀ ନାୟକ ପ୍ରମୁଖ ପହଞ୍ଚି ଧାରଣରତ ଯୁବକମାନଙ୍କୁ ବୁଝାସୁଝା କରି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରୁ ରାତି ୯ଟାରେ ବାହାରକୁ ବାହାର କରିଥିଲେ ବି ଅଧିକାରୀମାନଙ୍କ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହୋଇ ନଥିଲେ ସେମାନେ ।

# ସମନ୍ୱିତ ଶିଶୁ ବିକାଶ ଯୋଜନା ଡେଲାଙ୍ଗ ପକ୍ଷରୁ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ



ଡେଲାଙ୍ଗ, ୨୧।୮ (ନିପ୍ର), ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଆଜାଦି କା ଅମୃତ ପାଳନ ଅବସରରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଆଇସିଡିଏସ ପକ୍ଷରୁ ସିଡିପିଓ ଜାପାନୀ କୁମାରୀ ମିଶ୍ରାଙ୍କ ତତ୍ତ୍ୱାବଧାନରେ ଦେଶର ଗୌରବକୁ ସମସ୍ତ ଭାରତୀୟ ଅତୁଟ ରଖିବା ନେଇ ଏହି ମାନବ ଶୃଙ୍ଖଳ ତ୍ରିରଙ୍ଗା ଅଭିଯାନ ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଦେଶପ୍ରେମ ର ବାର୍ତ୍ତା ପ୍ରଚାର ପ୍ରସାର ନେଇ ଅଙ୍ଗନବାଡି କର୍ମୀମାନେ ହାତରେ ତ୍ରିରଙ୍ଗା ସହ ଦେଶାତ୍ମକ ବୋଧ ସ୍ଲୋଗାନ ଦେଇ ମାନବ ଶୃଙ୍ଖଳ ତ୍ରିରଙ୍ଗା ଶୋଭାଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ,ବ୍ଲକ ଅଧକ୍ଷା ବାସନ୍ତି ସାହୁ,ଉପାଧକ୍ଷ ଦୁର୍ବାଷା ନିଶଂକ, ୧୫ ନମ୍ବର ଜିଲ୍ଲାପରିଷଦ ସଭ୍ୟା ପ୍ରଜ୍ଞା ଛାଟରାୟ, ୧୬ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ପ୍ରସନ୍ନ କୁମାର ସାହୁ, ୧୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଦୀପ୍ତୀଶ୍ରୀ ରାଉତରାୟ, ଏବଂ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ,ଭୋନୁ ମଲ୍ଲିକ ସମେତ ଡେଲାଙ୍ଗ ବ୍ଲକ ସମସ୍ତ ଅଙ୍ଗନବାଡି କର୍ମୀମାନେ ଏହି ମାନବ ଶ୍ରୀଙ୍ଖଳ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ରାଷ୍ଟ୍ରର ବୀର ମାନଙ୍କୁ ସ୍ମରଣ କରି ପ୍ରତ୍ୟେକ ହାତରେ ତ୍ରିରଙ୍ଗା ବିବିଧତା ମଧ୍ୟରେ ଏକତା ପ୍ରଦର୍ଶିତ କରିଥିଲା ।

# 'ମା' ତୁଝେ ସଲାମ' ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ରମ୍ଭା, ୨୧।୮ (ନିପ୍ର): ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ର ପୁର କ୍ଲଷ୍ଟର ଅଧୀନସ୍ତ ପଣସ ଡ଼ିହ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ମା 'ତୁଝେ ସଲାମର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ପଠନ, ଲିଖନ ଓ ଆବୃତ୍ତି କର୍ମଶାଳା ପ୍ରଧାନ ଶିକ୍ଷକ ମନ୍ମଥ ମୋହନ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଧାରିତ ସୂଚୀପ୍ରକାରେ କାର୍ଯ୍ୟକ୍ରମ ହେବାସହ ମଞ୍ଚାସିନ ବ୍ୟକ୍ତିମାନେ ଉପସ୍ଥିତ ଅଭିଭାବକ, ଅଭିଭାବିକା ଛାତ୍ରଛାତ୍ରୀମାନଙ୍କୁ ଅଭିଭାଷଣ ମାଧ୍ୟମରେ ଭିନ୍ନ ଭିନ୍ନ ବକ୍ତା ଛାତ୍ର ଛତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସାଧନା ଜାରି ରଖିବାପାଇଁ ପରାମର୍ଶ ଦେଇଥିଲେ । ଏଥିସହ ପୃଥିବୀ,ଦେଶ ଓ ରାଜ୍ୟର ବିଭିନ୍ନ ମହାମନୀଷୀଙ୍କ ଆଚାର ବ୍ୟବହାର, କାର୍ଯ୍ୟଶୈଳୀ ପୃଥିବୀକୁ ଦିଗଦର୍ଶନ ଦେଇଥିବା ଭାଷା ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନଙ୍କୁ ରାଜ୍ୟପାଳ ପୁରସ୍କାର ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ପରାମର୍ଶ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ବି ଇ ଓ ଭାଗିରଥି ବେହେରା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ଏ ବି ଇ ଓ ବିଜୟ ଚନ୍ଦ୍ର ବେହେରା,ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ପାଲୁର ଛକର ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ସେଠି, ଅଭିରାମ ନାୟକ, ମଞ୍ଜୁଲତା ମୁଦୁଲି, ରତିକାନ୍ତ ବେହେରା, ନାଟ୍ୟ ନିର୍ଦ୍ଦେଶକ ରମାକାନ୍ତ ନାୟକ,ଗଣମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି, ହଜାରିରାମ ବେହେରା, ନାଏବ ସରପଞ୍ଚ ରମାକାନ୍ତ ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ । ଉପସ୍ଥାପକ ରୂପେ ଶିକ୍ଷକ ରବୀନ୍ଦ୍ର ପ୍ରଧାନ ରହିଥିବା ବେଳେ ଶିବିର ପରିଚାଳନାରେ ଶିକ୍ଷୟିତ୍ରୀ ଶ୍ରୀମତୀ ଭାଗ୍ୟବତୀ ବେହେରା, ଶ୍ରୀମତୀ ହେମଲତା ବେହେରା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଆର୍ମି ଅଫିସର ପରିଚୟ ଦେଇ ୨୫ ହଜାର ଠକେଇ





## ସ୍କର୍ପିଓ କାର ସହ ୫ ଗିରଫ

ଭୁବନେଶ୍ୱର,(ନି.ପ୍ର): ଅପରାଧୀମାନେ ଠକେଇ କରିବା ସମୟରେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି। କେତେବେଳେ ବିଭିନ୍ନ ପ୍ରକାର ଆଳ ଦେଖାଇ ତ ଆଉ କେତେବେଳେ ଅସୁବିଧାରେ ପଡିଛୁ କହି ଠକେଇ କରିବାରେ ସଫଳ ହେଉଛନ୍ତି। ଏଭଳି ଘଟଣା ଇନ୍ଫୋଭ୍ୟାଲି ଥାନା ଅଞ୍ଚଳରେ ଘଟିଛି। ନିଜକୁ ଆର୍ମି ଅଫିସର ପରିଚୟ ଦେଇ ଏକ ନକଲି ଟିଭି ବିକ୍ରି କରି ୨୫ ହଜାର ଟଙ୍କା ଠକିନେଇଥିଲେ ଦୃବୁର୍ତ୍ତ। ଏହି ଠକେଇ ଅଭିଯୋଗରେ ଗୁରୁବାର ଇନ୍ଫୋଭ୍ୟାଲି ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଉତ୍ତର ପ୍ରଦେଶ ମିରଟ ଜିଲ୍ଲା ଆଜାଦ ନଗର ଥାନା ସର୍ଦ୍ଧଣା ଗ୍ରାମର ନଇମ୍ ଖାନ୍ (୩୯),ଏମ ଡି ଆସିଫ୍ (୨୯), ମଣ୍ଟିଆଜ୍ (୩୪), ଉତ୍ତର ପ୍ରଦେଶ ଗାଜିଆବାଦ ଜିଲ୍ଲା ମସୁରିର ଏମ ଡି ସାଜିଦ୍ (୩୪) ଓ ଜୁଲିଫିକର୍ (୩୨)। ସେମାନଙ୍କ ନିକଟରୁ ବ୍ୟବହୃତ ଏକ ସ୍କର୍ପିଓ ଗାଡ଼ି ,୩ଟି ମୋବାଇଲ, ୨୫,୧୦୦ଟଙ୍କା ଓ ନକଲି ୪୩ ଇଞ୍ଚିଆ ଟିଭି ଜବତ କରିଛି ପୋଲିସ। ଏହି ଠକେଇ ଘଟଣାରେ ଆଉ କେଉଁ କେଉଁ ମାନଙ୍କ ସଂପୃକ୍ତି ରହିଛି କି ନାହିଁ ତାର ଖୋଳତାଡ କରୁଛି କମିଶନରେଟ୍ ପୋଲିସ। ସୂଚନାନୁସାରେ, ରାଜଧାନୀ ଉପକଣ୍ଠ ଇନ୍ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ପ୍ରଦୀପ୍ତ ରାଉତ ମ୍ୟାନେଜର ଭାବେ କାମ କରନ୍ତି। ଗତ ଅଗଷ୍ଟ ୧୫ ତାରିଖ ପୂର୍ବାହ୍ନ ସାଢେ ଦଶଟା ବେଳେ ଏକ ସ୍କର୍ପିଓ ଗାଡିରେ ୫ଜଣ ଯୁବକ ଉକ୍ତ ପେଟ୍ରୋଲ ପମ୍ପରେ ଆସି ପହଞ୍ଚିଲେ। ସେମାନଙ୍କ ମଧ୍ୟରୁ ମୁଖ୍ୟ ଠକ ନଇମ ଖାନ୍ ନିଜର ପ୍ରକୃତ ନାମ ଲୁଚାଇ ମଞ୍ଜିତ୍ ସିଂ ବୋଲି ଜଣେ ଆର୍ମି ଅଫିସର ଭାବେ ପରିଚୟ ଦେଇଥିଲେ। ପରିଚୟ ଦେବା ପରେ ପେଟ୍ରୋଲ ପମ୍ପ ମ୍ୟାନେଜର ପ୍ରଦିପ୍ତଙ୍କୁ ନିଜର ଅସୁବିଧା ବିଷୟରେ କହିଥିଲେ। ମୋର ଚାକିରି ଭୁବନେଶ୍ୱରରୁ ବିଶାଖପାଟନମ୍ ବଦଳି ହୋଇଯାଇଛି। ତେଣୁ ମୁଁ ମୋର ପରିବାର ଧରି ଏବେ ବିଶାଖପାଟଣମ୍ ଯାଉଛି। ଅଚାନକ ବଦଳି ହେବା ଯୋଗୁ କିଛି ଟଙ୍କା ନିହାତି ଦରକାର। ମୁଁ ଆମ ସେନା କ୍ୟାଣ୍ଟିନରୁ ଏକ ସୋନି ବ୍ରାଭିଆ ସ୍ମାର୍ଟ ଏଲଇଡି ୪୩ ଇଞ୍ଚିଆ କିଣିଥିଲି। କିନ୍ତୁ ଅସୁବିଧା ପାଇଁ ବିକ୍ରି କରିବାକୁ ଚାହୁଁଛି। ମୋତେ ୨୫ ହଜାର ଟଙ୍କା ଦେଲେ ମୁଁ ଏ ଟିଭିକୁ ଦେଇଦେବି ବୋଲି କହିଥିଲେ। ସେନା କର୍ମଚାରୀଙ୍କ କଥାରେ ପେଟ୍ରୋଲ ପମ୍ପ ମ୍ୟାନେଜର ପ୍ରଦିପ୍ତ ୨୫ ହଜାର ଟଙ୍କା ଦେଇ ସୋନି ବ୍ରାଭିଆ ସ୍ମାର୍ଟ ଏଲଇଡି ଟିଭି ରଖିବା ସହ ତାର ଗ୍ୟାରେଣ୍ଟି କାର୍ଡ ମାଗିଥିଲେ। ବିଶାଖାପାଟଣମ୍‌ରେ ପହଞ୍ଚିବା ପରେ ମୁଁ ଗ୍ୟାରେଣ୍ଟି କାର୍ଡ ମୋବାଇଲ ମାଧ୍ୟମରେ ପଠାଇଦେବି ବୋଲି କହି ସେଠାରୁ ଖସି ପଳାଇଥିଲେ। ଠକ ମାନେ ଯିବା ପରେ ପ୍ରଦିପ୍ତ ଏଲଇଡି ଟିଭିକୁ ନେଇ ଦେଖିବା ବେଳକୁ ଉକ୍ତ ଟିଭି ଚାଲି ନଥିଲା ଓ ନକଲି ବୋଲି ଜଣିବାକୁ ପାଇଥିଲେ। ଏ ନେଇ ପ୍ରଦିପ୍ତ ଇନ୍ଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପେଟ୍ରୋଲ ପମ୍ପର ଚିତ୍ର ଉତ୍ତୋଳନ ଯନ୍ତ୍ର ଯାଞ୍ଚ କରିବା ସହ ମୋବାଇଲ ନମ୍ବର ଟ୍ରାକ୍ କରି ଠକଙ୍କ ପାଖରେ ପହଞ୍ଚି ପାରିଥିଲା। ଠକଙ୍କୁ ଗିରଫ କରିବା ପରେ ସମସ୍ତେ ବାହାର ରାଜ୍ୟର ବୋଲି ଜଣାପଡିଥିଲା। ସେମାନେ ବିଭିନ୍ନ ପ୍ରକାରର ନକଲି ଜିନିଷ ଆଣି ଓଡିଶାର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୁଲି ଅଭିନବ ଉପାୟରେ ଲୋକଙ୍କୁ ଠକି ଫେରାର ହୋଇଯାଉଥିବା ସ୍ୱୀକାର କରିଥିଲେ। ଗୁରୁବାର ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

## ଆଉ କିଛି ଗେଟ ବନ୍ଦ କରାଯାଇପାରେ: ଏସଆରସି

ଭୁବନେଶ୍ୱର,୧୯।୮(ନିପ୍ର): ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୨ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ହୀରାକୁଦର ୨୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ସଂନ୍ଧ୍ୟା ୬ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୬୨୩.୬୦ ଫୁଟ୍ ରହିଛି। ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩,୯୫,୮୪୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୪,୮୧,୪୯୭ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ସଂନ୍ଧ୍ୟା ୬ ଟା ସୁଦ୍ଧା ଖଇରାମାଳ ଦେଇ ୮ ଲକ୍ଷ ୫୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବରମୁଳଠାରେ ୮ ଲକ୍ଷ ୬୨ ହଜାର ୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳି ଠାରେ ୧୦ ଲକ୍ଷ ୨ ହଜାର ୮୨୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ହୀରାକୁଦର ଆଉ କିଛି ଗେଟ ବନ୍ଦ କରାଯାଇପାରେ ବୋଲି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା । ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ସନ୍ଧ୍ୟା ସୁଦ୍ଧା ପରିସ୍ଥିତିରେ ସୁଧାର ଆସିପାରେ । ମହାନଦୀ ସିଷ୍ଟମରେ ସାତୋଟି ସ୍ଥାନରେ ଘାଇ ହୋଇଥିବାର ସୂଚନା ମିଳିଛି । ସେ କହିଛନ୍ତି ଯେ କିଛି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ସର୍ବାଧିକ ୪୦ରୁ ୫୦ ମିମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ନେଇ ଉତ୍ତର ଓଡ଼ିଶା ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଦିଆଯାଇଛି ବୋଲି ସେ କହିଛନ୍ତି ।



# ମହିଳାଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର

ଭୁବନେଶ୍ୱର,(ନି.ପ୍ର): ଗୁରୁବାର ଖାରବେଳ ନଗର ଥାନା ଅନ୍ତର୍ଗତ ମଧୁସୂଦନଗରର ଏକ ଘର ଭିତରୁ ଜନୈକା ମହିଳାଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର କରିଛି ପୋଲିସ। ତେବେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଅଢ଼େଇ ବର୍ଷ ତଳେ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିବାବେଳେ ପୁଣି ଥରେ ଗୁରୁବାର ରୁମ୍ ଭିତରେ କିରୋସିନି ଢ଼ାଳି ଆତ୍ମହତ୍ୟା କରିଥିବା ମୃତକଙ୍କ ସ୍ୱାମୀ ସୂଚନା ଦେଇଛନ୍ତି। ମୃତ ମହିଳା ଜଣଙ୍କ ହେଲେ ମିନୁଶ୍ରୀ ପ୍ରହରାଜ(୫୪)। ପୋଲିସ ଅଧାପୋଡା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ପଠାଇ ଦେଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ପୁଅର ନିଶା ଖାଇବାକୁ ନେଇ ଗତ କିଛି ବର୍ଷ ହେବ ମିନୁଶ୍ରୀ ଚିନ୍ତିତ ଥିଲେ ଏବଂ ପରିବାର ମଧ୍ୟରେ ଝଗଡା ଲାଗି ରହିଥିଲା। ଏହାକୁ ନେଇ ଟେନସନରେ ଥିବା ମିନୁଶ୍ରୀ ବୁଧବାର ବିଳମ୍ବିତ ରାତିରେ କିରୋସିନି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ମିନୁଶ୍ରୀଙ୍କ ଶରୀରର ୯୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନାନୁସାରେ, ଖାରବେଳନଗର ଥାନା ମଧୂସୂଦନନଗର ପ୍ଲଟ ନମ୍ବର ୨୪ରେ ରହୁଥିଲେ ବିଷ୍ଣୁ ପ୍ରସାଦ ପ୍ରହରାଜ(୬୦), ପତ୍ନୀ ମିନୁଶ୍ରୀ ପ୍ରହରାଜ (୫୪) ଓ ପୁଅ ପ୍ରଭାତ ପ୍ରହରାଜ(୨୭)। ପ୍ରଭାତ ଗତ କିଛି ବର୍ଷ ହେବ ନିଶା ଖାଇ ପରିବାରରେ ଅଶାନ୍ତି କରୁଥିଲା। ଦୁଇ ବର୍ଷ ତଳେ ତାକୁ ନିଶା ନିବାରଣ କେନ୍ଦ୍ରରେ ମଧ ଭର୍ତ୍ତି କରାଯାଇଥିଲା । ପୁଅର ନିଶା ଖାଇବାକୁ ନେଇ ମିନୁଶ୍ରୀ ଟେନେସନରେ ଥିଲେ। ଅଢ଼େଇ ବର୍ଷ ତଳେ ଜୀବନ ହାରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପୁଅ ନିଶା ଖାଇବାକୁ ନେଇ ସ୍ୱାମୀ ବିଷ୍ଣୁପ୍ରସାଦଙ୍କ ସହ ମିନୁଶ୍ରୀଙ୍କ ବିବାଦ ଲାଗି ରହୁଥିଲା। ପ୍ରତ୍ୟେକ ଦିନ ଗୋଟିଏ ରୁମରେ ସ୍ୱାମୀ-ସ୍ତ୍ରୀ ଶୁଅନ୍ତି। ହେଲେ ବୁଧବାର ରାତି ୧୦ଟା ସମୟରେ ମିନୁଶ୍ରୀ ଏକା ଶୋଇବାକୁ ସ୍ୱାମୀଙ୍କୁ କହିଥିଲେ। ବିଷ୍ଣୁ ପ୍ରସାଦ ପୁଅଙ୍କ ସହ ଅନ୍ୟ ଏକ ରୁମ୍‌ରେ ଶୋଇଥିଲେ। ମିନୁଶ୍ରୀ ରୁମରେ ଏକା ହୋଇଥିଲେ। ବିଳମ୍ବିତ ରାତିରେ ରୁମ୍‌ରେ କିରୋସିନି ଢ଼ାଳି ଆତ୍ମହତ୍ୟା କରିଥିଲେ। ଗୁରୁବାର ସକାଳ ସାଢ଼େ ୯ଟା ହୋଇଥିଲେ ମଧ ସେ ରୁମ୍ ଖୋଲିନଥିଲେ। ଯାହାକୁ ନେଇ ବିଷ୍ଣୁ ପ୍ରସାଦଙ୍କ ସନ୍ଦେହ ହୋଇଥିଲା। ସେ ପଡୋଶୀମାନଙ୍କୁ ଡାକିବା ପରେ କବାଟ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପରେ ବିଫଳ ହେବାରୁ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଖାରବେଳନଗର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ସହ ମହିଳାଙ୍କ ପୋଡା ମୃତଦେହକୁ ଜବତ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ସ୍ୱାମୀ ବିଷ୍ଣୁ ପ୍ରସାଦଙ୍କୁ ଥାନାକୁ ନେଇ ଜେରା କରିଥିବା ଜଣାପଡିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଛନ୍ତି ଥାନା ଅଧିକାରୀ ରଜନୀକାନ୍ତ ମିଶ୍ର।




### ଅଟୋ ଚାଳକଙ୍କୁ ଗୋଡେଇ ହାଣିବା ମାମଲା

# ଦୁଇ ଗିରଫ, ଖଣ୍ଡା ଜବତ

ଭୁବନେଶ୍ୱର,(ନି.ପ୍ର): ଅଟୋ ଚାଳକଙ୍କୁ ଦିନ ଦ୍ୱିପ୍ରହରରେ ଗୋଡେଇ ଗୋଡେଇ ହାଣିବା ଘଟଣା ଦୁଇ ଦିନ ତଳେ ରାଜଧାନୀରେ ଆତଙ୍କ ଖେଳାଇଥିଲା। ଏଭଳି ଅଭାବନୀୟ ଘଟଣା ନୂଆପଲ୍ଲୀ ଥାନା ମେ ଫେୟାର ହୋଟେଲ ନିକଟରେ ଘଟିଥିଲା। ଦୁର୍ବୃତ୍ତଙ୍କ ଖଣ୍ଡାଚୋଟରେ ଅଟୋ ଚାଳକ ନିଳାଞ୍ଚଳ ବେହେରା ଗୁରୁତର ହୋଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ଅଣ୍ଡକୋଷକୁ ହାଣିଦେବା ସହ ମୁଣ୍ଡ ଓ ଛାତିକୁ ମଧ ଚୋଟ ପରେ ଚୋଟ ପକାଇଥିଲେ। ସେ ଏବେ ଜୀବନ ମରଣ ସହ କ୍ୟାପିଟାଲ ହସ୍ପିଟାଲରେ ସଂଘର୍ଷ କରୁଛନ୍ତି । ଆକ୍ରମଣକାରୀ ୬ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆସାହି ବାଜପେୟୀ ନଗରର ଚିତ୍ତରଂଜନ ନାୟକ ଓରଫ କୁନା ଓ ଖୋର୍ଦ୍ଧା ଜିଲ୍ଲା ବୋଲଗଡର ସାହାନାଜ ମଲ୍ଲିକ ଓରଫ ମୁଫି । ଦୁହିଁଙ୍କଠାରୁ ପୋଲିସ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରିଛି। ଦୁହିଁଙ୍କ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି ନୂଆପଲ୍ଲୀ ଥାନା ଅଧିକାରୀ ବିଶ୍ୱରଂଜନ ସାହୁ। ଅନ୍ୟ ପଟେ ଫେରାର ୪ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଥାନା ଅଧିକାରୀ। ସୂଚନାଯୋଗ୍ୟ ଯେ, ନୂଆପଲ୍ଲୀ ଥାନା ସାଲିଆ ସାହିରେ ରୁହନ୍ତି ନିଳାଞ୍ଚଳ ବେହେରା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଙ୍ଗଳବାର ନିଳାଞ୍ଚଳ ବେହେରା ଅଟୋ ଧରି ମେ ଫେୟାର ଛକରେ ତାଙ୍କ ସାଙ୍ଗମାନଙ୍କ ସହ ଠିଆ ହୋଇଥିଲେ। ଏତିକି ବେଳେ ତିନୋଟି ବାଇକରେ ୬ ଯୁବକ ହାତରେ ଖଣ୍ଡା ଓ ଭୁଜାଲି ଧରି ସେଠାରେ ଓହ୍ଲାଇଥିଲେ। ନିଳାଞ୍ଚଳକୁ ଅସଭ୍ୟ ଭାଷାର ଗାଳିଗୁଲଜ କରିବା ସହ ଗୋଡେଇ ଗୋଡେଇ ହାଣିଥିଲେ। ଆକ୍ରମଣରେ ଅଟୋ ଚାଳକ ନିଳାଞ୍ଚଳ ବେହେରାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୋଲିସ ଦୁଇ ମୁଖ୍ୟ ଅଭିଯୁକ୍ତ ମୁଫି ଓ କୁନାକୁ ଗିରଫ କରିବା ସହ ଦୁହିଁଙ୍କଠାରୁ ଗୋଟିଏ ଖଣ୍ଡା ଜବତ କରାଯାଇଛି। ଫେରାର ଆଉ ୪ ଅଭିଯୁକ୍ତକୁ ଧରିବାକୁ ପୋଲିସ ଚଢ଼ଉକୁ ଜୋରଦାର କରିଛି।

# ଘାସିବିଲିରେ ଯୁବକଙ୍କୁ ଛୁରାମାଡ ଘଟଣା : ଦୁଇ ଗିରଫ

ଗଞ୍ଜାମ, ୨୧ ଅଗଷ୍ଟ (ହି.ସ.)- ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଘାସିବିଲ ଗ୍ରାମ ଛକ ନିକଟରେ ଶନିବାର ସକାଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଜଣ ଯୁବକ ଗ୍ରାମର ପ୍ରୀତମ ମହାନ୍ତି (୨୧) ନାମକ ଯୁବକଙ୍କୁ ଏକ ଧାରୁଆ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଉଭୟଙ୍କୁ ପାଟପୁର ପୋଲିସ ସ୍ଥାନୀୟ ଗାନ୍ଧୀ ଛକ ଠାରେ କାବୁ କରିଥିବା ଜଣାପଡିଛି । ଅଭିଯୁକ୍ତ ଦୁଇ ଯୁବକ ହେଲେ ଘନଶ୍ୟାମ ରେଡ୍ଡୀ ଓ ଶୁଭମ ବେହେରା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଖବରନୁଯାୟୀ, ଘାସିବିଲ ଗ୍ରାମର ପ୍ରୀତମ ଓ ଘନଶ୍ୟାମ ମଧ୍ୟରେ ଗତ ୧୦ ରୁ ୧୫ ଦିନ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି । ତେବେ ଶନିବାର ସକାଳେ ପ୍ରୀତମ ଗ୍ରାମ ଛକ ନିକଟରେ ଛିଡା ହୋଇଥିବା ବେଳେ ଘନଶ୍ୟାମ ଓ ତାଙ୍କ ସହଯୋଗୀ ଶୁଭମ୍ ଏକ ସ୍କୁଟିରେ ଆସି ଛୁରୀ ସାହାଯ୍ୟରେ ପ୍ରୀତମଙ୍କ ପେଟ ଓ ଛାତିକୁ ମରଣାନ୍ତକ ଆକ୍ରମଣ କରିଥିଲେ । ପ୍ରୀତମଙ୍କ ଚିତ୍କାର ଶୁଣି ଆଖପାଖ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଥିଲା ।

# ସୁନ୍ଦରଗଡ଼ ଜିଲ୍ଲାରେ ମୋବାଇଲ ମେଡିକାଲ ଭ୍ୟାନ

## ଲୋକଙ୍କୁ ଦୁଆର ମୁହଁରେ ମିଳୁଛି ମାଗଣାରେ ସ୍ୱାସ୍ଥ୍ୟ ସେବା, ୨୦୧୭ ଏପ୍ରିଲରୁ ୨୦୨୨ ଜୁଲାଇ ସୁଦ୍ଧା ୧୯ ଲକ୍ଷରୁ ଅଧିକ ଲୋକଙ୍କୁ ମିଳିଛି ସେବା

ସୁନ୍ଦରଗଡ଼, ୨୧ ଅଗଷ୍ଟ ୨୦୨୨: ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲ୍ଲାରେ ଲୋକଙ୍କ ଦୁଆର ମୁହଁରେ ମାଗଣାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ରହିଛି 'ମୋବାଇଲ ମେଡିକାଲ ଭ୍ୟାନ ବା ଏମଏମଭି'। ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଯୋଗୁଁ ୨୦୧୭ ଏପ୍ରିଲରୁ ୨୦୨୨ ଜୁଲାଇ ସୁଦ୍ଧା ଜିଲ୍ଲାର ୧୯ ଲକ୍ଷରୁ ଅଧିକ ଲୋକ ବିଶେଷ ଭାବେ ଉପକୃତ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ୧୭ଟି ବ୍ଲକରେ ଏହି ସେବା ଯୋଗାଇଦେବା ପାଇଁ ୨୫ଟି ଏମଏମଭିକୁ ନିୟୋଜିତ କରାଯାଇଛି। ପ୍ରତି ଏମଏମଭି ନିୟମିତ ଭାବେ ବିଭିନ୍ନ ଗାଁକୁ ଯାଇ ସ୍ଥାନୀୟ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି। ତା'ଛଡ଼ା ବିଭିନ୍ନ ସ୍କୁଲ, ବାଳାଶ୍ରମ ଓ ବୃଦ୍ଧାଶ୍ରମ ଆଦି ସ୍ଥାନରେ କ୍ୟାମ୍ପ କରି ଏମଏମଭି ହିତାଧିକାରୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି। ପ୍ରତିଦିନ ଏହି ସେବାରୁ ୮୦୦ରୁ ୯୦୦ ଲୋକ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। "ସୁନ୍ଦରଗଡ଼ର ଏକ ବୃଦ୍ଧାଶ୍ରମରେ ଆମେ ରହୁଛୁ। ବୟସ ଅଧିକ ହୋଇଯାଇଥିବାରୁ ଦେହ ପା' ଖରାପ ହେଲେ ଡାକ୍ତରଖାନା ଯିବା ସମ୍ଭବ ହେଉନି। ତେବେ ମୋବାଇଲ ମେଡିକାଲ ଭ୍ୟାନ ଆମ ବୃଦ୍ଧାଶ୍ରମ ପାଖକୁ ଆସୁଥିବାରୁ ଆମେ ସେଠାରେ ମାଗଣାରେ ଏବଂ ସୁବିଧାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ଆଣୁଛୁ", କହନ୍ତି ସୁଶିଳା ମହାନନ୍ଦିଆ। "ମୋ ସ୍ୱୀର ଆଣ୍ଠୁ, ଗଣ୍ଠି, ଅଣ୍ଟା ଆଦି ବିନ୍ଧା ହେଉଛି। ଶଯ୍ୟାଶାୟୀ ଥିବାରୁ ତାଙ୍କୁ ଡାକ୍ତରଖାନା ନେବା ସୁବିଧା ହେଉନି। ମୋବାଇଲ ମେଡିକାଲ ଭ୍ୟାନରେ ଥିବା ଡାକ୍ତରୀ ଟିମ୍ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଛନ୍ତି। ଏଭଳି ସୁବିଧା ମିଳୁଥିବାରୁ ଆମେ ବହୁତ ଖୁସି", କହନ୍ତି ଟଙ୍କଧର ସାହୁ। ଲେଫ୍ରିପଡ଼ା ବ୍ଲକର ଟଙ୍କଧର ଏବଂ ତାଙ୍କ ସ୍ତ୍ରୀ ସୁନ୍ଦରଗଡ଼ର ଏକ ବୃଦ୍ଧାଶ୍ରମରେ ରହୁଛନ୍ତି। ସେମାନଙ୍କ ଭଳି ସୁନ୍ଦରଗଡ଼ ଜିଲ୍ଲାର ଅନେକ ହିତାଧିକାରୀ ଦୁଆର ମୁହଁରେ ମାଗଣାରେ ଚିକିତ୍ସା ସୁବିଧା ଏବଂ ଔଷଧ ପାଇପାରୁଛନ୍ତି। ପ୍ରତି ଏମଏମଭିରେ ନିର୍ଦ୍ଧାରିତ ସେବା ଯୋଗାଇଦେବା ପାଇଁ ଜଣେ ଲେଖାଏଁ ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ଫାର୍ମାସିଷ୍ଟଙ୍କୁ ନିୟୋଜିତ କରାଯାଇଛି। ଏହି ଡାକ୍ତରୀ ଟିମ୍ ପ୍ରତିଦିନ ବିଭିନ୍ନ ଜାଗାରେ ପହଞ୍ଚି ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ଚିକିତ୍ସା ପରାମର୍ଶ ସହ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଉଛି। ସେହିପରି ଆବଶ୍ୟକସ୍ଥଳେ ରୋଗୀଙ୍କର ବିଭିନ୍ନ ନମୁନା ପରୀକ୍ଷା ମଧ୍ୟ କରାଯାଉଛି। "ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଗାଁରେ ନିୟମିତ ବ୍ୟବଧାନରେ ଏମଏମଭି ଗାଡି ପହଞ୍ଚିଥାଏ। ସେଠାରେ ରୋଗୀଙ୍କୁ ଦେଖି ଆମେ ଆବଶ୍ୟକ ପରାମର୍ଶ ଏବଂ ଔଷଧ ଦେଉ। ଏମଏମଭିରେ ମ୍ୟାଲେରିଆ ଓ ଡାଇବେଟିସ୍ ଆଦି ରୋଗ ପାଇଁ ରକ୍ତ ନମୁନା ପରୀକ୍ଷା କରିବାର ସୁବିଧା ରହିଛି। ସେହିପରି ଏହି ଗସ୍ତ ସମୟରେ ଆମେ ସ୍ଥାନୀୟ ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କୁ ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଉଛୁ", କହିଛନ୍ତି ଏମଏମଭିରେ ନିୟୋଜିତ ଜଣେ ଡାକ୍ତର ସଞ୍ଜୀବ କୁମାର ମିଞ୍ଜ। ଏମଏମଭିକୁ ଦେଖାଇବାକୁ ଆସିଥିବା ଯେଉଁ ରୋଗୀମାନଙ୍କର ବିଶେଷ ପରୀକ୍ଷା ବା ଅଧିକ ଚିକିତ୍ସା ଆବଶ୍ୟକ ସେମାନଙ୍କୁ ଉପଖଣ୍ଡ ବା ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର କରାଯାଉଛି। ଏପରିକି ଜରୁରୀକାଳୀନ କ୍ଷେତ୍ରରେ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସ ଭଳି ଏମଏମଭିରେ ଉଚ୍ଚ ଡାକ୍ତରଖାନାକୁ ନିଆଯିବାର ବ୍ୟବସ୍ଥା ରହିଛି। "ସୁନ୍ଦରଗଡ଼ ଜିଲ୍ଲାର ଗାଁ ଗାଁରେ ମୋବାଇଲ ମେଡିକାଲ ଭ୍ୟାନ ଏକ ଭ୍ରାମ୍ୟମାଣ ଡାକ୍ତରଖାନା ଭଳି କାମ କରୁଛି। ଏମଏମଭି ଗାଡ଼ି କେଉଁ ଦିନ କେଉଁ ସ୍ଥାନକୁ ଯିବ ତା'ର ରୁଟ୍ ଚାଟ୍ ପ୍ରତି ସପ୍ତାହରେ ନିର୍ଦ୍ଧାରଣ କରାଯାଉଛି। ଏହା ଫଳରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ପ୍ରାଥମିକ ଓ ପ୍ରତିଷେଧମୂଳକ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରୁଛି", କହନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର। ବିଭିନ୍ନ ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏମଏମଭି କାମ କରୁଛି। କୋଭିଡ୍ ମହାମାରୀ ଭଳି ଜଟିଳ ସମୟରେ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ଏହା ବଡ଼ ଭୂମିକା ଗ୍ରହଣ କରିଥିଲା। ଏହି ମୋବାଇଲ୍ ମେଡିକାଲ୍ ଭ୍ୟାନ ମାଧ୍ୟମରେ ଲୋକଙ୍କ ସ୍ୱାବ୍ ସଂଗ୍ରହ ଏବଂ ପରବର୍ତ୍ତୀ ସମୟରେ କୋଭିଡ୍ ଟିକାକରଣ ଭଳି କାର୍ଯ୍ୟ ମଧ୍ୟ କରାଯାଉଥିଲା। ସୁନ୍ଦରଗଡ଼ ଜିଲ୍ଲାରେ ସବୁ ଲୋକଙ୍କ ପାଖରେ ପ୍ରାଥମିକ ଚିକିତ୍ସା ସେବା ପହଞ୍ଚାଇବାରେ ମୋବାଇଲ ମେଡିକାଲ ଭ୍ୟାନ ଆଜି ପ୍ରମୁଖ ଭୂମିକା ଗ୍ରହଣ କରିଛି।



Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com

Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା